ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 | Rs. 7.00

ବର୍ଷ-୧୬, ସଂଖ୍ୟା-୪୩, ଭୁବନେଶ୍ୱର: ନଭେମ୍ବର ୦୩-୦୯, ୨୦୨୫ | Vol-16, Issue-43 Bhubaneswar : November 03-09, 2025

RNI NO.ODIODI/2010/33715

## ସରିଲା ରାସନ୍‌କାର୍ଡ ଇ-କେୱାଇସି ଡେଡ୍‌ଲାଇନ୍

ଭୁବନେଶ୍ୱର: ଶେଷ ହୋଇଛି ଡେଡ୍‌ଲାଇନ୍। ଇ-କେୱାଇସି କରିନଥିଲେ ନଭେମ୍ବରରକୁ ମିଳିବନି ରାସନ ବୋଲି କୁହାଯାଇଥିଲା। ଅକ୍ଟୋବର ୩୧ ତାରିଖ ସୁଦ୍ଧା ଇ-କେୱାଇସି ଶେଷ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସବୁ ଜିଲ୍ଲାକୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ଚଳିତ ମାସ ୨୯ ତାରିଖ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ୫୭ ହଜାର ୨୬୫ ଜଣ ଇ-କେୱାଇସି କରିନାହାନ୍ତି। ସୂଚନା ମୁତାବକ ଗତ ୧୪ ତାରିଖରେ ୧୬ ଲକ୍ଷ ୩୦ ହଜାର ୩୭୧ ଜଣ ଇ-କେୱାଇସି କରିନଥିଲେ। ତେଣୁ ସମସ୍ତ ଜିଲ୍ଲାପାଳଙ୍କୁ ଏହା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ୧୫ ଦିନରେ ମାତ୍ର ୭୩, ୧୦୬ ଜଣଙ୍କ ଇ-କେୱାଇସି ହୋଇଛି। ଚଳିତ ମାସ ୨୯ ତାରିଖ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ୧ ଲକ୍ଷ ୫୮ ହଜାର ୨୨ ଜଣ ଇ-କେୱାଇସି କରିନଥିବା ବେଳେ କଟକରେ ୮୭,୬୧୨, ବଲାଙ୍ଗୀରରେ ୭୫,୮୯୧, ମୟୁରଭଞ୍ଜରେ ୭୭,୩୪୬, ବାଲେଶ୍ୱରରେ ୭୪,୬୭୭, କଳାହାଣ୍ଡିରେ ୭୬,୩୭୬, କେନ୍ଦ୍ରାପଡ଼ାରେ ୭୨,୧୭୨, ପୁରୀରେ ୬୯,୭୪୬, ବରଗଡ଼ରେ ୬୬,୭୯୬, ଯାଜପୁରରେ ୬୭,୦୨୩, କେନ୍ଦୁଝରରେ ୬୬,୦୫୩, ଢେଙ୍କାନାଳରେ ୫୨,୪୭୪, ଭଦ୍ରକରେ ୫୨,୪୩୨, ଅନୁଗୁଳରେ ୩୭,୫୨୨, ଖୋର୍ଦ୍ଧାରେ ୬୫,୩୪୯, କୋରାପୁଟରେ ୫୩,୭୩୪, ନବରଙ୍ଗପୁରରେ ୫୪,୪୩୫, ରାୟଗଡ଼ାରେ ୩୮,୬୮୪, ସୁନ୍ଦରଗଡ଼ରେ ୪୬,୫୫୧, ଜଗତସିଂହପୁରରେ ୩୬,୬୪୪, ନୟାଗଡ଼ରେ ୩୫,୧୮୧, ମାଲକାନଗିରିରେ ୨୮,୮୮୫, ସମ୍ବଲପୁରରେ ୨୬,୦୮୪, କନ୍ଧମାଳରେ ୨୫,୪୨୫, ନୂଆପଡ଼ାରେ ୨୬,୩୫୯, ସୋନପୁରରେ ୨୩,୬୧୭, ଗଜପତିରେ ୨୩,୨୧୧, ଝାରସୁଗୁଡ଼ାରେ ୧୫,୮୬୭ ଓ ବୌଦ୍ଧରେ ୧୪,୪୨୧ ଉପଭୋକ୍ତା ଇ-କେୱାଇସି କରିନଥିବା ଜଣାପଡ଼ିଛି।

ତେଜସ୍ୱିନୀ

### ବିଶେଷ ଦୃଷ୍ଟି ଆକର୍ଷଣ

- ମୁକ୍ତେଶ୍ୱର ଧାମ
- ହାଇ
- ବୁଟ୍‌କଟ୍ ଜିନ୍ସ
- ନେଫ୍ରୋଟିକ୍ ସିଣ୍ଡ୍ରୋମ୍

## ୩ ନୂଆ ଗିନିଜ୍ ରେକର୍ଡ ସ୍ଥାପନ କଲା ଭାରତ

# ସ୍ୱାସ୍ଥ୍ୟ ନାରୀ ଅଭିଯାନକୁ ବିଶ୍ୱ ମାନ୍ୟତା

ନୂଆଦିଲ୍ଲୀ: କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଘୋଷଣା କରିଛି ଯେ, ଦେଶବ୍ୟାପୀ 'ସ୍ୱାସ୍ଥ୍ୟ ନାରୀ, ସଶକ୍ତ ପରିବାର ଅଭିଯାନ' (ଏସ୍‌ଏନ୍‌ଏସ୍‌ପିଏ) ଅଧୀନରେ ଭାରତ ତିନୋଟି ଗିନିଜ୍ ବିଶ୍ୱ ରେକର୍ଡ ସ୍ଥାପନ କରିଛି। ଏସବୁ ବିଶ୍ୱ ରେକର୍ଡ ମହିଳା-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୋଟିଏ ଗୋଟିଏ ପ୍ରମୁଖ ମାଇଲଖୁଣ୍ଟ। ଏସବୁ ରେକର୍ଡ ସେତେବେଳେ ସମ୍ଭବ ହୋଇପାରିଛି ଯେତେବେଳେ କି ଗୋଟିଏ ମାସରେ ସ୍ୱାସ୍ଥ୍ୟସେବା ପ୍ଲାଟଫର୍ମ ପାଇଁ ପଞ୍ଜିକରଣ କରିଥିବା ସର୍ବାଧିକ ମହିଳା (୩.୨୧ କୋଟି), ଗୋଟିଏ ସପ୍ତାହରେ ଅନଲାଇନ୍ ସ୍ତନ କର୍କଟ ସ୍କ୍ରିନିଂ ପାଇଁ ସାଇନ୍ ଅପ୍ କରିଥିବା ସର୍ବାଧିକ ମହିଳା (୯.୯୪ ଲକ୍ଷ), ଏବଂ ରାଜ୍ୟ ସ୍ତରରେ ଗୋଟିଏ ସପ୍ତାହରେ ଅନଲାଇନ୍ ଯୋଗେ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ସ୍କ୍ରିନିଂ ପାଇଁ ସାଇନ୍ ଅପ୍ କରିଥିବା ସର୍ବାଧିକ ମହିଳା (୧.୨୫ ଲକ୍ଷ) ଅନ୍ତର୍ଭୁକ୍ତ ହୋଇପାରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଏହି ବିଶ୍ୱସ୍ତରୀୟ ମାନ୍ୟତା ଭାରତର ଡିଜିଟାଲ୍ ସ୍ୱାସ୍ଥ୍ୟ ନବସୃଜନ, ସମ୍ପ୍ରଦାୟ ଅଂଶଗ୍ରହଣ




ଏବଂ 'ସୁସ୍ଥ ମହିଳା, ସଶକ୍ତ ପରିବାର ଏବଂ ବିକାଶ ଭାରତ' ଗଠନରେ ସରକାରୀ ସମନ୍ୱୟର ମିଳିତ ଶକ୍ତିକୁ ପ୍ରତିଫଳିତ କରେ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦର୍ଶାଇଛି ଯେ, ଏହି ଅଭିଯାନ ଭାରତର ପ୍ରତ୍ୟେକ ଜିଲ୍ଲାରେ ପହଞ୍ଚିଥିଲା, ୧୯.୭ ଲକ୍ଷରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା ଏବଂ ମୋଟ ୧୧ କୋଟିରୁ ଅଧିକ ଲୋକ ଉପସ୍ଥିତ ଥିଲେ। ୨୦ରୁ ଅଧିକ ମନ୍ତ୍ରଣାଳୟ, ଚିକିତ୍ସା ପ୍ରତିଷ୍ଠାନ ଏବଂ ଘରୋଇ ସଂଗଠନ ଏହି ଅଭିଯାନରେ ଯୋଗ ଦେଇଥିଲେ, ଯାହା ଏହାକୁ 'ସମ୍ପୂର୍ଣ୍ଣ ସରକାରୀ' ପ୍ରୟାସ କରିଥିଲା। ଏଥିରେ ୫ଲକ୍ଷରୁ ଅଧିକ ପଞ୍ଚାୟତିରାଜ ପ୍ରତିନିଧି, ୧.୧୪ କୋଟି ଛାତ୍ର, ୯୪ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟ ପ୍ଲାଟଫର୍ମର ଅଂଶଗ୍ରହଣ ସହିତ ଅଭୂତପୂର୍ବ ସାମୁଦାୟିକ ସମ୍ପର୍କ ମଧ୍ୟ ଦେଖାଯାଇଥିଲା। ଏହି ପଦକ୍ଷେପରେ ୧.୭୮ କୋଟି ଉଚ୍ଚ ରକ୍ତଚାପ ସ୍କ୍ରିନିଂ, ୧.୭୩ କୋଟି ମଧୁମେହ ସ୍କ୍ରିନିଂ, ୬୯.୫ ଲକ୍ଷ ମୁଖ କର୍କଟ ସ୍କ୍ରିନିଂ ଏବଂ ୬୨.୬ ଲକ୍ଷ ପ୍ରସବ ପୂର୍ବ ଯାଞ୍ଚ ରେକର୍ଡ କରାଯାଇଛି। ଏହା ସହିତ, ୨.୧୪ କୋଟି ଲୋକ ପରାମର୍ଶ ଏବଂ ସୁସ୍ଥତା ଅଧିବେଶନରେ ଅଂଶଗ୍ରହଣ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨, ୨୦୨୫ ମଧ୍ୟରେ ପୋଷଣ ମାସ ସହିତ ଆରମ୍ଭ ହୋଇଥିବା ଏହି ଅଭିଯାନର ଲକ୍ଷ୍ୟ ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର ବୃଦ୍ଧି କରିବା, ରୋଗର ଶୀଘ୍ର ଚିହ୍ନଟ ସୁନିଶ୍ଚିତ କରିବା ଏବଂ ପରିବାରଗୁଡ଼ିକୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ଉତ୍ସାହିତ କରିବା ରହିଛି। ଏହି ପଦକ୍ଷେପର ଦର୍ଶନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ମୋଦୀ ବାରମ୍ବାର କହିଆସୁଛନ୍ତି ଯେ, 'ଆମର ମା' ଏବଂ ଭଉଣୀମାନେ - ଆମର ନାରୀ ଶକ୍ତି - ଆମ ଦେଶର ପ୍ରଗତି ପାଇଁ ମୂଳଦୁଆ। ଯଦି ଜଣେ ମା' ସୁସ୍ଥ, ତେବେ ସମଗ୍ର ପରିବାର ସୁସ୍ଥ ରହେ।'

## ହାଇଡ୍ରୋଲୋଜିକାଲ୍ ତଥ୍ୟ ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

# ୨୦୩୦ ସୁଦ୍ଧା ୧୫ ଲକ୍ଷ ହେକ୍ଟର୍ ଜମିକୁ ଜଳସେଚନ

ଭୁବନେଶ୍ୱର: ଆଗାମୀ ୨୦୨୯-୩୦ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିସହିତ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚାଇବାକୁ ଆମେ ସୁନିଶ୍ଚିତ କରୁଛୁ। ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗକୁ ଆହୁରି ସୁଦକ୍ଷ ଓ ସ୍ମାର୍ଟ କାର୍ଯ୍ୟାଳୟରେ ପରିଣତ କରାଯିବ। ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗ ପରିଦର୍ଶନ କରି ବିଭାଗର ହାଇଡ୍ରୋଲୋଜିକାଲ୍ ତଥ୍ୟ ଅନୁଧ୍ୟାନ ସହ ବିସ୍ତୃତ କାର୍ଯ୍ୟାବଳୀ ସମ୍ପର୍କରେ ପଚାରି ବୁଝିଛନ୍ତି। ପ୍ରଥମେ ଅଷ୍ଟମ ମହଲାସ୍ଥିତ ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ର ଯାଇ ସେଠାରେ ରାଜ୍ୟରେ ବିଭିନ୍ନ ଜଳଭଣ୍ଡାର ଓ ନଦୀଗୁଡ଼ିକରେ ଜଳ ସ୍ଥିତି ଅନୁଧ୍ୟାନ କରିବା ସହିତ ଏହାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ



ବୁଝିଥିଲେ। ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ରର ତଥ୍ୟ ଅନୁଯାୟୀ ରିୟଲ ଟାଇମ୍ ଭିତ୍ତିରେ ରାଜ୍ୟରେ ଜଳ ପରିଚାଳନା କାର୍ଯ୍ୟ ତନଖି କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉପବିଭାଗ ପରିଦର୍ଶନ କରି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟରେ ସନ୍ତୋଷ ବ୍ୟକ୍ତକରି ରାଜ୍ୟ ସରକାରଙ୍କ ଲକ୍ଷ୍ୟପୂରଣ ପାଇଁ ଆପଣମାନେ ଆହୁରି ପ୍ରତିବଦ୍ଧତାର ସହ କାମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୧୦ ବର୍ଷିଆ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର

କ୍ୱାଲାଲାମ୍ପୁର: ଆମେରିକା ପକ୍ଷରୁ ଲଗାଯାଇଥିବା ବର୍ଦ୍ଧିତ ବାଣିଜ୍ୟ ଶୁଳ୍କ (୫୦%)କୁ ନେଇ ଭାରତ ଓ ଆମେରିକା ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଯଦିଓ ଉଭୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଭୟ ବାହାରକୁ ପରସ୍ପର ମଧ୍ୟରେ ସବୁକିଛି ଠିକ୍ ଥିବା ଦର୍ଶାଉଛନ୍ତି, କୌଣସି ନା କୌଣସି ପ୍ରସଙ୍ଗରେ ପରସ୍ପରକୁ ପ୍ରଶଂସା କରୁଛନ୍ତି ତଥାପି ବାସ୍ତବିକତା କିଛି ଭିନ୍ନ ରହିଛି। ଏସବୁ ସତ୍ତ୍ୱେ ଟ୍ରମ୍ପ୍ ଏବଂ ଆମେରିକା ପକ୍ଷରୁ ବାରମ୍ବାର ଦାବି କରାଯାଇଆସୁଛି ଯେ ଭାରତ ସହ ବାଣିଜ୍ୟ ଚୁକ୍ତି ହେବା ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଖୁବଶୀଘ୍ର ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହେବ। କିନ୍ତୁ ସତ୍ୟତା ହେଉଛି ଯେ, ବର୍ତ୍ତମାନ ସୁଦ୍ଧା ଏନେଇ କୌଣସି ସ୍ପଷ୍ଟ ଚିତ୍ର ମିଳିପାରିନାହିଁ, ଅର୍ଥାତ୍ ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ହେବା ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ତେବେ ଏସବୁ ସତ୍ତ୍ୱେ ଶୁକ୍ରବାର ଭାରତ ଏବଂ ଆମେରିକା ମଧ୍ୟରେ ଆଗାମୀ ୧୦ ବର୍ଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ଯାହାକି ଏକ ଆଶ୍ୱସ୍ତିଜନକ।

# ଅରାଜକତା ବନାମ ମାନବାଧିକାର

ଶ୍ରୀଲଙ୍କା, ବାଂଲାଦେଶ ଓ ନେପାଳରେ ଘଟିଥିବା ଅରାଜକତାକୁ ରାଜନୈତିକ ଦୃଷ୍ଟିକୋଣରୁ ଚିନ୍ତା କଲେ ତାହା ଭାରତ ପାଇଁ ଅନୁକୂଳ ନ ଥିଲା। ପ୍ରତିଟି ଦେଶରେ ଚାଇନା ତା'ର ବିସ୍ତାରବାଦୀ ରଣକୌଶଳର ପ୍ରୟୋଗ କରି ସଫଳ ହୋଇଛି। ଚାଇନା ପ୍ରଥମରୁ ପାକିସ୍ତାନ ସହ ରହିଛି। ତେଣୁ ପ୍ରଥମେ ପାକିସ୍ତାନ, ଶ୍ରୀଲଙ୍କା, ମାଳଦ୍ୱୀପ, ବାଂଲାଦେଶ ଓ ଏବେ ନେପାଳ ମଧ୍ୟ ଚାଇନାର ନିୟନ୍ତ୍ରଣକୁ ଆସିଯାଇଛି। ବାକି ଗୋଟିଏ 'ଭୁଟାନ' ଓ ଅନ୍ୟଟି 'ମ୍ୟାନ୍‌ମାର' ଚାଇନାର ଅର୍ଥନୈତିକ ଚାପରେ ନିୟନ୍ତ୍ରିତ ହୋଇରହିଛି। କେବଳ ଭୁଟାନ ହିଁ ରହିଯାଇଛି କାରଣ ତା'ର ସାମରିକ ବ୍ୟବସ୍ଥା ଭାରତ ସହ ସଂଲଗ୍ନିତ। ତଥାପି ସେଇ ସୀମାନ୍ତରେ ଚାଇନା ବାରମ୍ବାର ଉତ୍ତେଜନା ଜାରି ରଖିଛି।

ଏଥିରୁ ଏତିକି ସ୍ପଷ୍ଟ ଯେ ଭାରତକୁ ଚତୁଃପାର୍ଶ୍ୱରୁ ଘେରିବାର ଏହା ଏକ ଚାଲ୍। ଏକଥା କୁହାଯାଇପାରେ କି ଭାରତକୁ ଦକ୍ଷିଣ ପୂର୍ବ ଏସିଆ ତଥା ବିଶ୍ୱରେ ଏକଘରିକିଆ କରାଇବାରେ ଚାଇନାର ଉଦ୍ୟମ ସଫଳ ହୋଇପାରିଛି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିକ୍ରିୟାଶୀଳ ବୈଦେଶିକ ନୀତି ଦ୍ୱାରା ପାଶ୍ଚାତ୍ୟ ଦେଶମାନଙ୍କ ସହ ଭାରତର ସମ୍ପର୍କ ତିକ୍ତ ପ୍ରାୟ। ତେଣୁ ଭାରତର ବୈଦେଶିକ ନୀତିକୁ ଅନ୍ୟୋନପାୟ ଭାବରେ ରୁଷ୍‌ର ମଧ୍ୟସ୍ଥତାରେ ଚାଇନା ସହ ସୁସମ୍ପର୍କ ସ୍ଥାପନ କରିବା ବ୍ୟତୀତ ବୋଧହୁଏ ଆଉ କୌଣସି ବିକଳ୍ପ ନ ଥିଲା। ସ୍ୱାଧୀନତା ପରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହିଭଳି ପଦକ୍ଷେପଟିଏ ନେଇଥିଲେ ଏବଂ 'ପଞ୍ଚଶୀଳ ନୀତି'କୁ ନେଇ ଚାଇନା ସହ ଏକ ବନ୍ଧୁତାର ଚୁକ୍ତି ସ୍ୱାକ୍ଷରିତ କରିଥିଲେ। ହେଲେ ଚାଇନା ବିଶ୍ୱାସଘାତକତା କଲା। ଆଉ ଏ ଚୁକ୍ତି ସ୍ୱାକ୍ଷରିତ ହେବାର ଅଳ୍ପଦିନ ପରେ ଭାରତ ଉପରେ ଆକ୍ରମଣ କଲା।

ଇତିହାସର ଏଇ ଅନୁଭୂତିକୁ ଅନୁଶୀଳନ କଲେ ଜଣାଯାଏ କି ଚାଇନା ସମାନ ଢଙ୍ଗରେ ବିଶ୍ୱାସଘାତକତା କରିପାରେ। ଆଗରୁ ଉତ୍ତର (ଚାଇନା) ଏବଂ ପଶ୍ଚିମ (ପାକିସ୍ତାନ) ସୀମାନ୍ତରେ ଆମର ଶତ୍ରୁରାଷ୍ଟ୍ରମାନେ ଥିଲେ, ହେଲେ ପୂର୍ବ ଏବଂ ଦକ୍ଷିଣ ଦିଗରୁ ଆମେ ପ୍ରାୟତଃ ସୁରକ୍ଷିତ ଅନୁଭବ କରୁଥିଲେ, ମାତ୍ର ଏସବୁ ରାଷ୍ଟ୍ରର ଅରାଜକତା ପର ସ୍ଥିତି ଯୋଗୁଁ ସେ ଦୁଇପାର୍ଶ୍ୱ ମଧ୍ୟ ଏବେ ଚାଇନା ଦ୍ୱାରା ପ୍ରଭାବିତ ହୋଇଯାଇଛି।

ଅର୍ଥନୈତିକ ଦୃଷ୍ଟିରୁ ଏସବୁ ଦେଶ ଭାରତ ଉପରେ ଅତ୍ୟନ୍ତ ନିର୍ଭରଶୀଳ। ମାତ୍ର ନେପାଳ ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭରଶୀଳ, ଯେଉଁଠି କୌଣସି ଚାଷଜମି ନାହିଁ ଓ ଶିଳ୍ପ ମଧ୍ୟ ନାହିଁ। ସେମାନେ ବିଦେଶ, ମୁଖ୍ୟତଃ ଭାରତରେ ଆସି ବିଭିନ୍ନ କାର୍ଯ୍ୟ କରିଥାନ୍ତି ଓ ଅର୍ଜିତ ଅର୍ଥକୁ ନିଜ ଦେଶକୁ ପଠାଇଥାନ୍ତି। ଆଉ ସେଥିରୁ ପ୍ରାପ୍ତ ବୈଦେଶିକ ମୁଦ୍ରା ଓ ପର୍ଯ୍ୟଟନରୁ ଆୟ ହିଁ ନେପାଳର ମୁଖ୍ୟ ଜାତୀୟ ଆୟ।

ଆଉ ଏକ ଚିନ୍ତାର ବିଷୟ ହେଲା ମାନବ ଅଧିକାରର ଉଲ୍ଲଂଘନ, ଶ୍ରୀଲଙ୍କା, ବାଂଲାଦେଶ ଓ ନେପାଳରେ ସମାନ ଭାବରେ ତାହା ସଂଘଟିତ ହୋଇପାରିଛି। ପ୍ରଥମେ ଶାସନତନ୍ତ୍ରରେ ରହିଥିବା ବ୍ୟକ୍ତିମାନେ ଓ ପରେ ଅନ୍ୟାନ୍ୟ ରାଜନୈତିକ ବ୍ୟକ୍ତି ବିଶେଷ ତଥା ସର୍ବୋପରି ସାଧାରଣ ଜନତାଙ୍କୁ ମଧ୍ୟ ସେମାନେ ଛାଡ଼ିଲେ ନାହିଁ।

ଚାଇନାର ମାଓ-ସେ-ତୁଙ୍ଗ ଦେଶରେ ଗଣତନ୍ତ୍ରବାଦୀ ବା ମାନବାଧିକାରବାଦୀମାନଙ୍କୁ ସମୂଳ ଧ୍ୱଂସ କରିଦେବାର ଏକ ଅମାନବୀୟ ପ୍ରକ୍ରିୟାକୁ ଆପଣେଇ ଥିଲେ। ଘୋଷଣା କଲେ କି ଯେଉଁମାନେ ଗଣତନ୍ତ୍ର ବା ମାନବ ଅଧିକାରକୁ ପ୍ରାଧାନ୍ୟ ଦେବାକୁ ଇଚ୍ଛା କିମ୍ବା ଚିନ୍ତା କରୁଥାନ୍ତି ସେମାନେ ତାଙ୍କର ମତାମତକୁ ସରକାରଙ୍କୁ ଜଣାନ୍ତୁ। ତାହାର ଉପଯୁକ୍ତ ଭାବରେ ତର୍ଜମା କରାଯିବ। ତାଙ୍କ କଥାରେ ବିଶ୍ୱାସ କରି ଅନେକ ହଜାର ବୁଦ୍ଧିଜୀବୀ, ଛାତ୍ର, ଅଧ୍ୟାପକ, ଦାର୍ଶନିକମାନେ ନିଜ ନିଜର ମତାମତ ସରକାରଙ୍କୁ ଜଣାଇଲେ। ସେଥିପାଇଁ ଦିଆଯାଇଥିବା ସମୟ ଅବଧିର ପରିସମାପ୍ତି ପରେ ସରକାର ଗଣତନ୍ତ୍ର ତଥା ମାନବ ଅଧିକାର ସପକ୍ଷରେ ମତ ଦେଇଥିବା ହଜାର ହଜାର ବୁଦ୍ଧିଜୀବୀଙ୍କୁ ତଥା ପ୍ରଗତିଶୀଳ ଚିନ୍ତାଧାରାର ବ୍ୟକ୍ତିମାନଙ୍କୁ ଚିହ୍ନଟ କଲେ। ସେମାନଙ୍କୁ ତାଙ୍କ ଘରୁ ନିମନ୍ତ୍ରଣ କରି ଡାକି ଆଣିଲେ ଓ ଗୋଟିଏ ଧାଡ଼ିରେ ଠିଆ କରାଇ ଏକ ସର୍ବସାଧାରଣ ସ୍ଥାନରେ ଅତ୍ୟନ୍ତ ନିର୍ମମ ଭାବରେ ହତ୍ୟା କରିଦେଲେ, ଫଳରେ ଉଦାରବାଦୀ ଚିନ୍ତାଧାରାର ମୂଳୋତ୍ପାଟନ ହୋଇଗଲା। ଆଉ କମ୍ୟୁନିଷ୍ଟ ପାର୍ଟିର ଏକଛତ୍ରବାଦୀ ଶାସନ ବ୍ୟବସ୍ଥା ବଳବତ୍ତର ହୋଇ ରହିଲା।

କ୍ରମେ ଶାସନର ପରିବର୍ତ୍ତନ ଘଟିଲା। ମାଓ ଚାଲିଗଲେ ଉତ୍ତରାଧିକାରୀ ଭାବରେ ଚାଓ-ଏନ୍-ଲାଇ ତାଙ୍କ ଦଳର ତଥା ଦେଶର ଶାସନ ମୁଖ୍ୟ ହେଲେ, ମାତ୍ର ସେହି ସମୟରେ ଚାଇନାର ବୁଦ୍ଧିଜୀବୀଙ୍କ ଭିତରେ ପୁନଶ୍ଚ ସେଇ ମାନବାଧିକାର ପ୍ରାପ୍ତ କରିବାର ତଥା ଗଣତନ୍ତ୍ରକୁ ଆପଣେଇବାର ମନୋଭାବ ଜାଗ୍ରତ ହେଲା, ବିଶେଷ ଭାବରେ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ପ୍ରଭାବିତ ହୋଇ ଆଗକୁ ବାହାରିଲେ ଓ କ୍ରମେ ଗଣତନ୍ତ୍ରବାଦ ପାଇଁ ଆନ୍ଦୋଳନ ଆରମ୍ଭ କରିଦେଲେ। ତାହୁଁ ତାହୁଁ ହଜାର ହଜାର ଛାତ୍ରଛାତ୍ରୀ ସେଥିରେ ଯୋଗଦେବାକୁ ଲାଗିଲେ, ଆଉ ସେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ଅଂଶଟିଏ ଭାବରେ ଦିନେ ଐତିହାସିକ 'ତିଆନେନ୍ ମେନ୍' ଛକଠାରେ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଏକତ୍ରିତ ହେଲେ। ଚାରିକଡ଼ୁ ଆବଦ୍ଧ କରି ଟ୍ୟାଙ୍କରେ ଅନ୍ଧାଧୁନ୍ଦିଆ ଗୁଳି ଚାଳନା ହେଲା, ଫଳତଃ ୧୦ ହଜାରରୁ ଉର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କୁ ହତ୍ୟା କରାଗଲା।

ଭାରତର ସମ୍ବିଧାନ ପ୍ରଣେତାଙ୍କର ମାନବ ଅଧିକାରକୁ ନେଇ ଅତ୍ୟନ୍ତ ଉଦାରବାଦୀ ଓ ରଚନାତ୍ମକ ଭାବନା ଯୋଗୁ ଆମେ ଯେଉଁ ଗଣତାନ୍ତ୍ରିକ ବ୍ୟବସ୍ଥା ତଥା ସମ୍ବିଧାନକୁ ପ୍ରାପ୍ତ କରିଅଛେ, ତାହା ପ୍ରାୟ ସମଗ୍ର ବିଶ୍ୱରେ ବିରଳ। ସେଥିପାଇଁ ନେପାଳ ଓ ବାଂଲାଦେଶର ସ୍ଥିତି ଉପରେ ଟିପ୍ପଣୀ ଦେଇ ଆମ ସୁପ୍ରିମକୋର୍ଟର ଦୁଇଜଣ ବିଚାରପତି କହିଛନ୍ତି 'ଭାରତବର୍ଷରେ ଏଭଳି କାଣ୍ଡ ଘଟିବାର ସମ୍ଭାବନା ନାହିଁ କାରଣ ଆମ ସମ୍ବିଧାନ ବେଶ୍ ମଜଭୁତ'। ଅବଶ୍ୟ ଏହା ଆମର ଗର୍ବ ଓ ସନ୍ତୋଷ ପ୍ରାପ୍ତିର କାରଣ ହୋଇପାରେ। ହେଲେ ଆମ ସୀମାନ୍ତରେ ଚାଲିଥିବା ପାରିପାର୍ଶ୍ୱିକ ଅବ୍ୟବସ୍ଥାକୁ ଅଣଦେଖା ନ କରି ଆମ ସାମ୍ବିଧାନିକ ମୂଲ୍ୟବୋଧକୁ ବିଚାର ରଖିବାର ଗୁରୁଦାୟିତ୍ୱ ଆମ ସମସ୍ତ ଦେଶବାସୀ ଏବଂ ନାଗରିକଙ୍କର ହେବା ଉଚିତ।

# ପିଢ଼ିଗତ ପରିବର୍ତ୍ତନର ସୁଯୋଗ

ଏବେ ସଂଘର୍ଷ, ବାଣିଜ୍ୟ ଯୁଦ୍ଧ, ଅସମାନତା ଏବଂ ଗଣତନ୍ତ୍ରର ଅଧୋଗତି ଶୀର୍ଷକ ଖବର ଅଧିକ ପ୍ରକାଶ ପାଉଛି। ସଙ୍କଟ ପରେ ସଙ୍କଟ ସୃଷ୍ଟିହେବାରେ ଲାଗିଛି ଏବଂ ମନେହେଉଛି ସତେ ଯେମିତି ବିଶ୍ୱ ଅଲଗା ହୋଇଯାଉଛି। ପାଶ୍ଚାତ୍ୟ ନେତା ଓ ବିଶେଷଜ୍ଞମାନେ ଏହିସବୁ ସଙ୍କଟର ଜଟିଳ ସ୍ଥିତିକୁ ଆୟତ୍ତ କରିବା ପାଇଁ 'ପଲିକ୍ରାଇସିସ୍' ବା ବହୁସଙ୍କଟ ଭଳି ଶବ୍ଦକୁ ଗ୍ରହଣ କରିଛନ୍ତି। ୨୦୨୩ରେ କଲମ୍ବିଆ ବିଶ୍ୱବିଦ୍ୟାଳୟର ଐତିହାସିକ ଆଡାମ୍ ଟୋଜେ ଏହି ଶବ୍ଦକୁ ଲୋକପ୍ରିୟ କରିଥିଲେ। ସେ କହିଥିଲେ- 'ତୁମର ଏଠି ଭୟ ଅଛି, ଏଠି ବି କିଛି ଅଛି ଯାହା ତୁମକୁ ବିଶେଷକରି ଦୁଃଖ ଦେଉଛି ଏବଂ ତାକୁ ଏହା (ପଲିକ୍ରାଇସିସ୍) କୁହାଯାଇପାରେ।' କିନ୍ତୁ ଭୟ ଯେତେବେଳେ ମୂଳ ବିଷୟ ପାଲଟିଯାଏ, ସେତେବେଳେ କେବଳ ଚିନ୍ତା ଓ ଅକ୍ଷମତା ପ୍ରକାଶ ପାଇଥାଏ ବୋଲି ୨୦୨୪ ଡାଭୋସ୍ ବିଶ୍ୱ ଆର୍ଥିକ ମଞ୍ଚ ପରେ ମାର୍କ ଲିଓନାର୍ଡ ଅନୁଧ୍ୟାନ କରିଥିଲେ।

ତେବେ ସଙ୍କଟଗୁଡ଼ିକ ପରେ ପତନ ଅନିବାର୍ଯ୍ୟ ନୁହେଁ। ଅବଶ୍ୟ, ଅନେକ ସମୟରେ ବାଧା ବା ସଙ୍କଟ ନବୀକରଣ ପାଇଁ ବାଟ ଦେଖାଇଥାଏ ଏବଂ ପୁରୁଣା ବ୍ୟବସ୍ଥାକୁ ଯିବା ଲାଗି ଯେଉଁମାନେ ଚାହିଁଥାନ୍ତି ସେମାନଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ। ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ବିଚାରକରି ଏହି ପ୍ରକାର ଅଭିଯାନକୁ ମୁଁ 'ପଲିଟ୍ୟୁନିଟି' ଶବ୍ଦ ନଭେମ୍ବର ୨୦୨୪ରେ ଏକ ପ୍ରୋଜେକ୍ଟ ସିଣ୍ଡିକେଟ କମେଣ୍ଟ୍ରିରେ ସାମ୍ନାକୁ ଆଣିଥିଲି ଏବଂ ଜାତିସଂଘ ବିକାଶ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ବିସ୍ତାରଭାବେ ବର୍ଣ୍ଣନା କରିଥିଲି। ଏହି ସିଦ୍ଧାନ୍ତ ଅତ୍ୟନ୍ତ ସରଳ। ଲଗାତର ଜାରି ରହିଥିବା ବାଧା ବା ସମସ୍ୟାଗୁଡ଼ିକ ବୈଶ୍ୱିକ ସଂସ୍ଥା ଓ ବିଚାରଗୁଡ଼ିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ ହେବା ପାଇଁ ଗୋଟିଏ ପିଢ଼ିରେ ଥରେ ମାତ୍ର ସୁଯୋଗ ଦେଇଥାଏ। ହଠାତ୍ ସବୁକିଛି ଯେତେବେଳେ ଭୁଶୁଡ଼ିପଡ଼ିବା ମନେହୁଏ, ସେତେବେଳେ ଆମେ ସମସ୍ତେ ତାଳିପକା ସମାଧାନଠାରୁ ଆଗକୁ ବଢ଼ିବାକୁ ବାଧ୍ୟ ହେଉ ଏବଂ ତୃଣମୂଳ ସ୍ତରରେ ବ୍ୟବସ୍ଥାଗୁଡ଼ିକର ପୁନର୍ଗଠନ କରିଥାଉ।

ଆରମ୍ଭରୁ ଆମେ ସ୍ୱୀକାର କରିବା ଉଚିତ ଯେ, ପଲିକ୍ରାଇସିସ୍ ହେଉଛି ଏକ ପାଶ୍ଚାତ୍ୟ କୈନ୍ଦ୍ରିକ ବ୍ୟାଖ୍ୟାନ ଯାହାକୁ ବୈଶ୍ୱିକ ବୋଲି ବାହାନା କରାଯାଉଛି। ଦୁଇ ୟୁରୋପୀୟ ସିଦ୍ଧାନ୍ତବାଦୀ ଏହି ଶବ୍ଦକୁ ୧୯୯୩ରେ ସାମ୍ନାକୁ ଆଣିଥିବାବେଳେ ନିକଟରେ ଅନ୍ୟ ୟୁରୋପୀୟ ବିଶେଷଜ୍ଞମାନେ ଏହାର ପ୍ରଚାର କରିଥିଲେ। ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ନେଇ ପାଶ୍ଚାତ୍ୟରେ କରାଯାଇଥିବା ଏକ ସମ୍ମିଳନୀରେ ଏହି ଶବ୍ଦକୁ ଏକ ପ୍ରମୁଖ ପ୍ଲାଟଫର୍ମ ଦିଆଯାଇଥିଲା ଏବଂ ପାଶ୍ଚତ୍ୟ ଗଣମାଧ୍ୟମ, ଥିଙ୍କ ଟ୍ୟାଙ୍କ୍ ଓ ଶିକ୍ଷାବିତ୍‌ଙ୍କ ଦ୍ୱାରା ଏହାକୁ ଭାଇରାଲ କରିବା ସକାଶେ ପ୍ରୋତ୍ସାହିତ କରାଯାଇଛି। ଏକ 'ଭୟଙ୍କର ଭବିଷ୍ୟତ' ସମ୍ପର୍କରେ ବିଳାପ କରିବା ପରିବର୍ତ୍ତେ ପଲିକ୍ରାଇସିସ୍ ଉପରେ ଯଦି କେବେ ବି ଆଲୋଚନା ହୁଏ, ତେବେ ଅଣ ପାଶ୍ଚାତ୍ୟ ଦେଶଗୁଡ଼ିକ (ଏବେ ଯାହାକୁ କୁହାଯାଉଛି ସାଉଥ୍ ଗ୍ଲୋବାଲ)ର ସଂସ୍ଥାଗୁଡ଼ିକୁ କିମ୍ବା ଏହାର ପ୍ରଦତ୍ତ ସମାଧାନକୁ ସ୍ୱୀକାର କରାଯିବା ଦରକାର। ଏପରିକି କେତେଜଣ ସିଦ୍ଧାନ୍ତବାଦୀ 'ନବୀକୃତ ମାନବବାଦ' ପାଇଁ ଦାବି କରୁଥିବାରୁ ସେମାନେ ଡାଞ୍ଚାଗତ ଭାବେ ରହିଥିବା ଏକ ଅସମାନ ବ୍ୟବସ୍ଥା ଓ ଏହାକୁ ନେଇ ବୃଦ୍ଧିପାଉଥିବା ନିରାଶାର ବାସ୍ତବତାକୁ ସାମ୍ନା କରିବାରେ ବିଫଳ ହୋଇଛନ୍ତି। ଅନ୍ତଃରାଷ୍ଟ୍ରୀୟ ବିତ୍ତୀୟ ବ୍ୟବସ୍ଥା ତଥା ସଂସ୍ଥାଗତ ଅସ୍ତିତ୍ୱ ଉପରେ ପାଶ୍ଚାତ୍ୟର ପ୍ରାଧାନ୍ୟ ରହିଥିବାବେଳେ ବୈଶ୍ୱିକ ଆଇନ ବା ସିଦ୍ଧାନ୍ତରେ ଅଣ ପାଶ୍ଚାତ୍ୟର ସ୍ୱର ତଥା ବିଚାର ସୀମିତ ହୋଇଯାଇଛି।

ପଲିକ୍ରାଇସିସ୍ ଶବ୍ଦ ବୈଶ୍ୱିକ ଅସଫଳତାର ମୂଳ କାରଣଗୁଡ଼ିକୁ ଅସ୍ପଷ୍ଟ କରିଦେବା ସହ ସଙ୍କଟଗୁଡ଼ିକୁ ପ୍ରାକୃତିକ ବିପର୍ଯ୍ୟୟ ବୋଲି ଦର୍ଶାଉଛି। ବାସ୍ତବରେ, ବାରମ୍ବାର ଘଟୁଥିବା ସମାନ ପ୍ରକାର ସଙ୍କଟଗୁଡ଼ିକ ଉପନିବେଶୀୟ ଶିଳ୍ପ ସମୟରେ ସୃଷ୍ଟିହୋଇ ଶିଳ୍ପ ବିପ୍ଳବଠାରୁ ପ୍ରକାଶ ପାଇ ଆସିଛି। ପ୍ରଗତି କହିଲେ ନିୟନ୍ତ୍ରଣ ବୋଲି ଧରିନିଆଯାଇଛି ଯେଉଁଥିରେ ପ୍ରକୃତି ଉପରେ ଯାନ୍ତ୍ରିକ ନିୟନ୍ତ୍ରଣ ଏବଂ ବିଶ୍ୱର ଅନ୍ୟ ସବୁ ଦେଶ ଉପରେ ପାଶ୍ଚାତ୍ୟର ନିୟନ୍ତ୍ରଣ ଦେଖାଯାଇଛି। ଏହା ନିଶ୍ଚିତ ଯେ, ଆଧୁନିକୀକରଣର ଅଧ୍ୟାୟ ପର୍ଯ୍ୟାପ୍ତ ଭୌତିକ ଓ ସାମାଜିକ ସୁବିଧା ଯୋଗାଇଦେଇଛି। କିନ୍ତୁ ଏହା ମଧ୍ୟ ଆମ ସମୟର ଜଟିଳ ସ୍ଥିତି ସୃଷ୍ଟିକରିବାର କାରଣ ପାଲଟିଛି। ଆମ ସମୟର ଏକ ବଡ଼ ସଙ୍କଟ ବିଶ୍ୱତାପନ ଉତ୍ପାଦନକ୍ଷମ ଶିଳ୍ପ ମଡେଲ ଯୋଗୁ ହୋଇଛି। ଏହି ମଡେଲକୁ ବାଣିଜ୍ୟ ବ୍ୟବସ୍ଥା ସହଯୋଗ କରୁଛି ଯେଉଁଥିରେ ଗରିବ ଦେଶଗୁଡ଼ିକରେ ଶ୍ରମିକମାନେ କମ୍ ଦରମାରେ ଉତ୍ପାଦନ କରୁଛନ୍ତି, ଯାହାକୁ ଧନୀ ଦେଶର ଉପଭୋକ୍ତାମାନେ ଅଧିକ ମୂଲ୍ୟରେ କିଣୁଛନ୍ତି।

ଏକ ଅତି ଜଟିଳ ଓ ବହୁଧ୍ରୁବୀୟ ବିଶ୍ୱରେ ଉପନିବେଶୀୟ ଶିଳ୍ପ ମଡେଲର ସମୟ ଶେଷ ହୋଇଯାଇଛି। ଆମକୁ ଏକ ନୂତନ ମାନସିକତା ଗ୍ରହଣ କରିବାକୁ ହେବ, ଯାହାକୁ ମୁଁ କହେ-ଆଡପ୍‌ଟିଭ, ଇନ୍‌କ୍ଲୁସିଭ ଆଣ୍ଡ ମୋରାଲ ପଲିଟିକାଲ ଇକୋନୋମୀ (ଏଆଇଏମ୍) ଅର୍ଥାତ୍ ପରିବର୍ତ୍ତନ ପାଇଁ ଅନୁକୂଳ ସ୍ଥିତି, ସମାବେଶୀ ଭାବନା ଏବଂ ନୈତିକ ରାଜନୈତିକ ଅର୍ଥ ବ୍ୟବସ୍ଥା। ଏକ ଅନୁକୂଳ ସ୍ଥିତିକୁ ପରିବର୍ତ୍ତନ କରିବାକୁ ହେଲେ ସମାଜକୁ ଏକ ଅଶୋଧିତ ମେଶିନ ଭାବେ ନ ଚଳାଇ ଏକ ଜୀବନ୍ତ ନେଟ୍‌ୱର୍କ ପରି ସଞ୍ଚାଳନ କରାଯିବା ଦରକାର, ଯେଉଁଥିରେ ଶିଖିବାକୁ ମିଳିବ ଓ ବିକାଶ ବି ହେବ। ସମାବେଶୀ ହେବାକୁ ହେଲେ, ଆମ ପାଖରେ ଯାହା ଅଛି ତାହା ଉପରେ ପ୍ରଗତି ନିର୍ଭରକରେ ବୋଲି ଆମକୁ ସ୍ୱୀକାର କରିବାକୁ ହେବ। ଅର୍ଥାତ୍ ଶକ୍ତିଶାଳୀ ଓ ଧନୀ ଦେଶଗୁଡ଼ିକର ମଡେଲକୁ ନକଲ ନ କରି ସ୍ଥାନୀୟ ସୃଜନଶୀଳତାକୁ ଗତିଶୀଳ କରିବାକୁ ପଡ଼ିବ। ଏହାବ୍ୟତୀତ ଅସନ୍ତୁଳନ ଦୂରକରିବା ସହ ରାଜନୈତିକ କ୍ଷମତା ସତ୍ତା ଦ୍ୱାରା ଗଢ଼ାଯାଇଥିବା ସନ୍ଧାନ୍ତଗୁଡ଼ିକୁ ଗ୍ରହଣ କରିବାକୁ ହେଲେ ଆମକୁ ନୀତିସଙ୍ଗତ (ମୋରାଲ) ହେବାକୁ ପଡ଼ିବ।

ପାଶ୍ଚାତ୍ୟର ପଦ୍ଧତିକୁ ଅନୁସରଣ କରିବା କିମ୍ବା ଦାରିଦ୍ର୍ୟରୁ ମୁକ୍ତି ପାଇଁ ଅନୁଦାନକୁ ଚାହିଁ ରହିବା ପରିବର୍ତ୍ତେ ବିଶ୍ୱର ଅନ୍ୟ ସବୁ ଦେଶ ନିଜ ବିକାଶ କଥା ନିଜେ ବୁଝୁଥିବା ବେଳେ ଏଆଇଏମ୍ ନୀତିନିର୍ଦ୍ଧାରଣ ପାଇଁ ଏକ ଦିଶା ଯୋଗାଇଦେବ। ଉଦାହରଣ ସ୍ୱରୂପ, ଚାଇନା, ଭାରତ ଏବଂ ସାଉଦି ଆରବ ଭଳି ଦେଶ ସବୁଜ ଶକ୍ତି ଉପରେ ଅତ୍ୟଧିକ ନିବେଶ କରୁଥିବାବେଳେ ସବ୍- ସାହାରାନ ଆଫ୍ରିକୀୟ ଦେଶଗୁଡ଼ିକ ଶକ୍ତି କ୍ଷେତ୍ରରେ ନୂତନତ୍ୱ ଆଣିବା ଲାଗି ପରୀକ୍ଷା ଚଳାଇଛନ୍ତି। ତେବେ ଆମେରିକାର ଟାରିଫ ଧୀରେ ଧୀରେ ବିକାଶ ପଥରେ ଆଗଉଥିବା ଭିଏଟ୍‌ନାମ ଓ ଇଥୋପିଆ ଭଳି ଦେଶଗୁଡ଼ିକ ପାଇଁ ଆୟଭିତ୍ତିକ ମାର୍କେଟଗୁଡ଼ିକୁ ରପ୍ତାନିକୁ ହ୍ରାସ କରିଥିବାରୁ ସାଉଥ- ସାଉଥ- ବାଣିଜ୍ୟ ଆକାର ନର୍ଥ-ସାଉଥ ବାଣିଜ୍ୟ ଆକାରକୁ ଟପିଯାଇଛି।

ବୌଦ୍ଧିକ ଦୃଷ୍ଟିକୋଣରୁ, ୟୁରୋପ ଓ ଉତ୍ତର ଆମେରିକାରେ 'ନ୍ୟାୟିକ ରାଜନୈତିକ ଅର୍ଥ ବ୍ୟବସ୍ଥା' 'ସର୍କୁଲାର (ଚକ୍ରୀୟ) ଅର୍ଥ ବ୍ୟବସ୍ଥା'ସମ୍ପର୍କରେ ଶିକ୍ଷା ଦେବାକୁ ଯେଉଁ ବିଶେଷଜ୍ଞମାନେ ଅଧିକ ଯୋଗ୍ୟ ସେମାନେ ଦାର୍ଶନିକ କିମ୍ବା ପରାମର୍ଶଦାତା ନୁହନ୍ତି। ବରଂ ସେମାନେ ହେଉଛନ୍ତି ସ୍ଥାନୀୟ ଆଦିବାସୀ ଗୋଷ୍ଠୀ, ଯେଉଁମାନେ ପରିସଂସ୍ଥାକୁ ସୁରକ୍ଷିତ ରଖିଛନ୍ତି। ଅସ୍ତିତ୍ୱଗତ ସଙ୍କଟ ଦୃଷ୍ଟିକୋଣରୁ ଅନୁଭବହୀନ ଆଶାବାଦ ପାଇଁ ପଲିଟ୍ୟୁନିଟି ଏକ ଆହ୍ୱାନ ନୁହେଁ। ବରଂ ଏହା ଏକ ଉଦ୍ଦେଶ୍ୟପୂର୍ଣ୍ଣ ବାସ୍ତବତାକୁ ଦର୍ଶାଏ, ଯାହା କୌଣସି ଗୋଟିଏ ଅଞ୍ଚଳ କିମ୍ବା ସୁବିଧାବାଦୀ ଶ୍ରେଣୀ ପରିବର୍ତ୍ତେ ବାସ୍ତବରେ ବୈଶ୍ୱିକ ସମୁଦାୟର ଏକ ସୃଜନଶୀଳତାକୁ ସୂଚିତକରେ। ଏହା ସାମାନ୍ୟ ବାର୍ତ୍ତା କିମ୍ବା ଉତ୍ସାହକୁ ପ୍ରେରିତକରେ ନାହିଁ, ବରଂ ଏହା ହେଉଛି ଏକ ଗଠନମୂଳକ କାର୍ଯ୍ୟକ୍ରମ ଯାହା ଏକ ପ୍ରୟୋଗଶୀଳ ଆଧାର ଉପରେ ଆଧାରିତ। ଏହାକୁ ଗମ୍ଭୀରତାର ସହ ଏବଂ ଠିକ୍ ଭାବେ ପ୍ରୟୋଗ କଲେ ଆମେ ଆହ୍ୱାନଗୁଡ଼ିକୁ ଯେଉଁଭଳି ମୁକାବିଲା କିମ୍ବା ଅନୁଧ୍ୟାନ କରୁଛି, ସେଥିରେ ନିଶ୍ଚିତ ପରିବର୍ତ୍ତନ ଆସିବ। ଆମେ ଯାହା ଦେଖୁଛୁ ତାହା ପ୍ରଗତିର ଶେଷ ନୁହେଁ, ବରଂ ଏହା ଉପନିବେଶୀୟ ଶିଳ୍ପ ମଡେଲର ଅନ୍ତ। ଯଦି ଆମେ ବିକାଶ ଉପରେ ଦୃଢ଼ ବିଶ୍ୱାସ କରୁଛୁ ତେବେ ବୁଝିବାକୁ ହେବ ଯେ, ଆଉ ଏକ ମଡେଲ ଏବେ ଆରମ୍ଭ ହେଉଛି।

# ଫେବୃଆରୀ ୧୭ରୁ ସିବିଏସ୍ଇ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର: ସିବିଏସ୍ଇ ପକ୍ଷରୁ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବୋର୍ଡ଼ ପରୀକ୍ଷା ଆସନ୍ତା ଫେବୃଆରୀ ୧୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଦଶମ ଓ ଦ୍ୱାଦଶ ଶ୍ରେଣୀର ପାଖାପାଖି ୪୫ ଲକ୍ଷ ପରୀକ୍ଷାର୍ଥୀ ମୋଟ ୨୦୪ଟି ବିଷୟବସ୍ତୁରେ ସାରା ଭାରତରେ ପରୀକ୍ଷା ଦେବେ। ଚଳିତବର୍ଷ ଠାରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ନ୍ୟାସ୍‌ନାଲ୍ ଏଜୁକେଶନ ପଲିସି, ୨୦୨୦ ଅନୁଯାୟୀ ଦୁଇଥର ଦେଇପାରିବେ। ସିବିଏସ୍ଇ ଦଶମ ପରୀକ୍ଷା ଫେବୃଆରୀ ୧୭ତାରିଖରେ ଗଣିତ ପରୀକ୍ଷାରୁ ଆରମ୍ଭ ହେବ। ସକାଳ ସାଢ଼େ ୧୦ଟାରୁ ଦିନ ୧ଟା୩୦ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ସେହିପରି ମାର୍ଚ୍ଚ ୧୦ତାରିଖ ପର୍ଯ୍ୟନ୍ତ ଦଶମ ପରୀକ୍ଷା ଚାଲିବ। ଅପରପକ୍ଷେ ଦ୍ୱାଦଶ ପରୀକ୍ଷା ମଧ୍ୟ ଫେବୃଆରୀ ୧୭ତାରିଖରୁ ଆରମ୍ଭ ହେବ। ପ୍ରଥମ ଦିନ ବାୟୋଟେକ୍ନୋଲଜି ବିଷୟର ପରୀକ୍ଷା ରହିଛି। ତେବେ ଦ୍ୱାଦଶ ପରୀକ୍ଷା ଏପ୍ରିଲ ୯ତାରିକ ପର୍ଯ୍ୟନ୍ତ ଚାଲିବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି।

# ଶିଶୁପୁତ୍ରକୁ ସାକ୍ଷାତ୍ କରିପାରିବେ ବାପା, ଜେଜେ

ଭୁବନେଶ୍ୱର: ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ମାମଲା ଅଦାଲତରେ ବିଚାରାଧୀନ ଥିବା ବେଳେ ସ୍ତ୍ରୀଙ୍କ ନିକଟରେ ରହୁଥିବା ନାବାଳକ ପୁତ୍ର ସନ୍ତାନକୁ ବାପା, ଜେଜେ, ଜେଜେମା' ସାକ୍ଷାତ୍ କରିପାରିବେ। ଜନ୍ମଦିନରେ ଅଥବା ସାକ୍ଷାତ୍ ବେଳେ ଉପହାର ବି ଦେଇପାରିବେ। ଭିଡିଓ କଲ୍‌ରେ କଥା ମଧ୍ୟ ହୋଇପାରିବେ। ଶିଶୁର କଲ୍ୟାଣ ଦୃଷ୍ଟିରୁ ବାପା ଓ ଜେଜେବାପାଙ୍କ ଉପସ୍ଥିତି ଆବଶ୍ୟକ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୈବାହିକ ବିବାଦ ଲାଗିଥିବା ବେଳେ ସନ୍ତାନଙ୍କୁ ସାକ୍ଷାତ୍ ପାଇଁ କେହି ବାରଣ କରିପାରିବେ ନାହିଁ। ବୈବାହିକ ବିବାଦ ଏଥିରେ ବାଧକ ସାଜିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ସ୍ପଷ୍ଟ କରିଛନ୍ତି। କଟକ ପରିବାର ଅଦାଲତଙ୍କ ରାୟ ବିରୋଧରେ ସୌରଭ ରାୟଗୁରୁ ହାଇକୋର୍ଟରେ କରିଥିବା ଆବେଦନର ବିଚାର କରି ବିଚାରପତି ଏସ୍.କେ.ମିଶ୍ର ଏହି ଆଦେଶ ଦେଇଛନ୍ତି।

# ଜଷ୍ଟିସ୍ ସୂର୍ଯ୍ୟକାନ୍ତ ୫୩ତମ ସିଜେଆଇ ନିଯୁକ୍ତ

ନୂଆଦିଲ୍ଲୀ: ସୁପ୍ରିମ୍‌କୋର୍ଟର ସିନିୟର୍ ଜଜ୍ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଦେଶର ୫୩ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ନିଯୁକ୍ତ କରାଯାଇଛି। ସେ ନଭେମ୍ବର ୨୪ ତାରିଖରେ ଶପଥ ନେବେ। ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେ ବର୍ତ୍ତମାନର ସିଜେଆଇ ଭୂଷଣ ରାମକୃଷ୍ଣ ଗଭଇଙ୍କ ସ୍ଥାନ ନେବେ। ସିଜେଆଇ ଗଭଇଙ୍କ କାର୍ଯ୍ୟକାଳ ନଭେମ୍ବର ୨୩ରେ ଶେଷ ହେବାକୁ ଯାଉଛି। ସୁପ୍ରିମ୍‌କୋର୍ଟର ଜଜ୍ ୬୫ ବର୍ଷ ବୟସରେ ଅବସର ନେଇଥାନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ କାର୍ଯ୍ୟକାଳ ପ୍ରାୟ ୧୪ ମାସର ହେବ। ସେ ୨୦୨୭ ଫେବୃଆରୀ ୯ ତାରିଖ ପର୍ଯ୍ୟନ୍ତ ଏହି ପଦରେ ରହିବେ। ସିଜେଆଇ ଗଭଇ ସୋମବାର କେନ୍ଦ୍ର ସରକାରଙ୍କୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନାମ ପରବର୍ତ୍ତୀ ସିଜେଆଇ ଭାବେ ସୁପାରିସ କରିଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ନ୍ୟାୟପାଳିକାରେ ୨୦ ବର୍ଷର ସେବା ଅବସରରେ ବହୁ ଐତିହାସିକ ନିଷ୍ପତ୍ତି ଶୁଣାଇଛନ୍ତି। ପେଗାସସ୍ ଗୁଇନ୍ଦା ମାମଲାର ଶୁଣାଣି କରିଥିବା ବେଞ୍ଚର ସେ ସଦସ୍ୟ ଥିଲେ। ମାମଲାର ଯାଞ୍ଚ ପାଇଁ ସେ ସାଇବର ବିଶେଷଜ୍ଞଙ୍କ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ହେବାରେ ହରିଆଣାର ପ୍ରଥମ ବ୍ୟକ୍ତି। ୧୯୬୨ ମସିହା ଫେବୃଆରୀ ୧୦ ତାରିଖରେ ହରିଆଣାର ହିସାର ଜିଲ୍ଲାର ଏକ ଛୋଟ ଗାଁ ପେଟୱାଡ଼ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଜଣେ ଶିକ୍ଷକ ଥିଲେ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଗାଁ ସ୍କୁଲରେ ପାଠ ପଢ଼ିଥିଲେ। ପରିବାର ପାଳନ ପୋଷଣ ପାଇଁ ସେ ଅନ୍ୟ ଗ୍ରାମବାସୀଙ୍କ ପରି ଖାଲି ସମୟରେ ବିଲରେ କାମ କରୁଥିଲେ। ଦଶମ ଶ୍ରେଣୀର ବୋର୍ଡ ପରୀକ୍ଷା ଦେବା ପାଇଁ ଯାଇଥିବା ବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପ୍ରଥମ ଥର ପାଇଁ ସହର ଦେଖିଥିଲେ। ହିସାରରେ ଗ୍ରାଜୁଏସନ୍ ଶେଷ କରିବା ପରେ ୧୯୮୪ରେ ରୋହତକରୁ ଏଲ୍‌ଏଲ୍‌ବି ଏବଂ ୨୦୧୧ରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ଏମ୍ ଡିଗ୍ରୀ ହାସଲ କରିଥିଲେ। ଏହାପରେ ୧୯୮୪ରେ ହିସାର ଜିଲ୍ଲା ଅଦାଲତରେ ଆଇନ କ୍ୟାରିୟର୍ ଆରମ୍ଭ କରିଥିଲେ। ପରେ ୧୯୮୫ରେ ପଞ୍ଜାବ-ହରିଆଣା ହାଇକୋର୍ଟରେ ଆଇନ ପ୍ରାକ୍ଟିସ୍ କରିଥିଲେ। ୨୦୦୦ରେ ସେ ହରଆଣାର ସର୍ବକନିଷ୍ଠ ଆଡ୍‌ଭୋକେଟ୍ ଜେନେରାଲ୍ ଭାବେ ନିଯୁକ୍ତି ପାଇଥିଲେ। ୨୦୦୧ରେ ସିନିୟର୍ ଆଡ୍‌ଭୋକେଟ୍ ଭାବେ କାର୍ଯ୍ୟ କରିବା ପରେ ୨୦୦୪ରେ ପଞ୍ଜାମ-ହରିଆଣା ହାଇକୋର୍ଟରେ ଜଜ୍ ଭାବେ ନିଯୁକ୍ତ ହୋଇଥିଲେ। ୨୦୧୮ରେ ତାଙ୍କୁ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟଭାର ସମ୍ଭାଳିବା ପରେ ୨୦୧୯ରେ ସୁପ୍ରିମ୍‌କୋର୍ଟରେ ଜଜ୍ ଭାବେ ନିଯୁକ୍ତ ହୋଇଥିଲେ। ୨୦୨୪ରେ ସେ ସୁପ୍ରିମ୍‌କୋର୍ଟ ଲିଗାଲ୍ ସର୍ଭିସେସ୍ କମିଟିର ଅଧକ୍ଷ ରହିଥିଲେ।



# ଶ୍ରୀ ଶ୍ରୀ ସଙ୍କଟମୋଚନ ପୁସ୍ତିକାର ଲୋକାର୍ପଣ ଉତ୍ସବ

ଭୁବନେଶ୍ୱର: ଶ୍ରୀ ଶ୍ରୀ ସଙ୍କଟମୋଚନ ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସର ୩୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ଆଧ୍ୟାତ୍ମିକ ପୁସ୍ତିକା 'ଶ୍ରୀ ଶ୍ରୀ ସଙ୍କଟମୋଚନ' ଲୋକାର୍ପଣ ହୋଇଯାଇଛି। ଏହି ଲୋକାର୍ପଣ ଉତ୍ସବରେ 'ସମ୍ବାଦ' ଗ୍ରୁପ୍‌ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ପୌରୋହିତ୍ୟ କରିଥିଲାବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାବାଜୀ ସନ୍ଥ ଡାକ୍ତର ସନତ୍ ସୁଜାତାନନ୍ଦ ଦାସ ଏବଂ ଜଗନ୍ନାଥ ପ୍ରଚାରକ, ସଂସ୍କୃତି ଗବେଷକ ଡାକ୍ତର ଆଶୁତୋଷ ପ୍ରସାଦ ମିଶ୍ର, ମନୋରଞ୍ଜନ ମହାନ୍ତି ଯୋଗ ଦେଇଥିଲେ।







ଶ୍ରୀ ପଟ୍ଟନାୟକ ତାଙ୍କ ସଭାପତିତ୍ୱ ଭାଷଣରେ କହିଥିଲେ ୧୯୯୫ ମସିହାରେ ମୋର ସହଯୋଗୀ ବିଜୟ କୁମାର ପଟ୍ଟନାୟକ ସମ୍ବାଦ ଅଫିସ୍ ପରିସରରେ ଏକ ହନୁମାନ ମନ୍ଦିର ପ୍ରତିଷ୍ଠା କରିବାକୁ ମୋତେ ପ୍ରସ୍ତାବ ଦେଇଥିଲେ। ତାଙ୍କ ପ୍ରସ୍ତାବରେ ମୁଁ ସମ୍ମତି ଜଣାଇଥିଲି। ସେବେଠାରୁ ଏଇ ମନ୍ଦିର ବହୁ ପ୍ରତିଷ୍ଠା ଅର୍ଜନ କରିଛି। ସମ୍ବାଦ ରସୁଲଗଡ଼ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌କୁ ଚାଲିଯାଇଥିଲାବେଳେ ହନୁମାନ ମନ୍ଦିର ଏହିଠାରେ ରହି ବହୁ ଭକ୍ତଙ୍କର ଆସ୍ଥା ଭାଜନ ହୋଇଥିବାରୁ ଏବଂ ହନୁମାନଙ୍କ ଉପରେ ଏକ ଆଧ୍ୟାତ୍ମିକ ପୁସ୍ତିକା ଆଜି ଲୋକାର୍ପଣ ହୋଇଥିବାରୁ ମୁଁ ସମସ୍ତ ଭକ୍ତମଣ୍ଡଳୀ ଏବଂ ଉଦ୍ୟୋକ୍ତାମାନଙ୍କୁ ସାଧୁବାଦ ଜଣାଉଛି। ଅନ୍ୟତମ ସମ୍ମାନିତ ଅତିଥି ସନ୍ଥ ଡାକ୍ତର ସନତ ସୁଜାତାନନ୍ଦ ଦାସ ଶ୍ରୀରାମଙ୍କ ପାଖରେ ସମର୍ପିତ ଭକ୍ତିଭାବ ଏବଂ କଳିଯୁଗରେ ହନୁମାନ ସମସ୍ତ ଭକ୍ତଙ୍କର ସଙ୍କଟ ଦୂର କରନ୍ତି ବୋଲି ତାଙ୍କର ବକ୍ତବ୍ୟରେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡାକ୍ତର ଆଶୁତୋଷ ପ୍ରସାଦ ମିଶ୍ର କହିଥିଲେ ଯେ ଜଗନ୍ନାଥ ସଂସ୍କୃତିରେ ହନୁମାନଙ୍କର ଏକ ବଡ଼ ଭୂମିକା ରହିଛି। ଜଗନ୍ନାଥ ମନ୍ଦିରରେ ଚାରି ଦ୍ୱାରରେ ସ୍ୱୟଂ ହନୁମାନ ଜାଗ୍ରତ ପ୍ରହରୀ ଭାବେ ରହି ଜଗନ୍ନାଥ ମନ୍ଦିରକୁ ସୁରକ୍ଷା ପ୍ରଦାନ କରୁଛନ୍ତି। କଳିଯୁଗରେ ଶ୍ରୀ ହନୁମାନଙ୍କର ମାହାତ୍ମ୍ୟ, କରୁଣା ବିଶେଷ ଭାବେ ଉପଲବ୍ଧି ହେଉଅଛି। ସେଥିପାଇଁ ହଜାର ହଜାର ଭକ୍ତ ସ୍ୱୟଂ ହନୁମାନଜୀଙ୍କର ଶରଣାଗତ ବୋଲି ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ।

ପ୍ରାରମ୍ଭରେ ହନୁମାନଙ୍କର ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅଜୟ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲାବେଳେ ଡକ୍ଟର ସୁରେଶ ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଧ୍ୟାତ୍ମିକ ଲୋକାର୍ପଣ ଉତ୍ସବରେ ଆଶିଷ ଚନ୍ଦ୍ର ମହାନ୍ତି, ଡାକ୍ତର ସ୍ୱରୂପ ପଟ୍ଟନାୟକ, ସରୋଜ କାନ୍ତ ଦାସ, ସ୍ୱରୂପ ମହାପାତ୍ର, ପ୍ରକାଶ ଚନ୍ଦ୍ର ବେଦାନ୍ତ ଆଦି ଯୋଗ ଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ମୁମ୍ବାଇ ପଣବନ୍ଦୀ ମାମଲାର ଅବସାନ: ପୁଲିସ ଗୁଳିରେ ଅପହର୍ତ୍ତା ମୃତ

ମୁମ୍ବାଇ: ମୁମ୍ବାଇ ପଣବନ୍ଦୀ ଘଟଣାର ଅବସାନ ଘଟିଛି। ମୁମ୍ବାଇର ପୋୱାଇ ଅଞ୍ଚଳରେ ଥିବା ଆର୍‌ଏ ଷ୍ଟୁଡିଓରେ ୧୭ ଜଣ ପିଲାଙ୍କୁ ପଣବନ୍ଦୀ କରି ରଖିଥିବା ରୋହିତ ଆର୍ଯ୍ୟ ପୁଲିସ୍ ଗୁଳିରେ ପ୍ରାଣ ହରାଇଛି। ରୋହିତ ୧୭ ଜଣ ଛୋଟ ପିଲା, ଜଣେ ବରିଷ୍ଠ ନାଗରିକ ଓ ଜଣେ ସାଧାରଣ ଲୋକଙ୍କୁ ପଣବନ୍ଦୀ କରି ରଖିଥିଲା। ପୁଲିସ୍ ସେମାନଙ୍କୁ ମୁକୁଳାଇବା ବେଳେ ରୋହିତକୁ ଗୁଳି କରିବାକୁ ବାଧ ହୋଇଥିଲା। ଗୁଳି ମାଡ଼ରେ ଆହତ ହୋଇଥିବା ରୋହିତକୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ସେଠାରେ ତା'ର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୁଲିସର କହିବା କଥା ଯେ ପଣବନ୍ଦୀଙ୍କୁ ମୁକୁଳାଇବା ବେଳେ ରୋହିତ ବାଧକ ସାଜିଥିଲା। ସେ ପୁଲିସ୍‌ର ମୁକାବିଲା କରିବାକୁ ଏୟାର୍ ଗନ୍ ବ୍ୟବହାର କରିଥିଲା। ଏହାର ଜବାବରେ ପୁଲିସ୍ ମାତ୍ର ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲା। ଗୁଳି ମାଡ଼ରେ ଆହତ ହୋଇଥିବା ରୋହିତକୁ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତା'କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ପୋୱାଇ ଅଞ୍ଚଳରେ ଥିବା ଆରଏ ଷ୍ଟୁଡିଓରେ ପୂରା ଘଟଣା ଘଟିଥିଲା। ଏଠାରେ ରୋହିତ ଅଡିସନ୍ ନାଁରେ ଛୋଟ ପିଲାମାନଙ୍କୁ ଡାକିଥିଲା। ସମସ୍ତଙ୍କ ବୟସ ୮ରୁ ୧୪ ବର୍ଷ ମଧ୍ୟରେ। ସେମାନଙ୍କୁ ଷ୍ଟୁଡିଓ ଭିତରେ ସେ ବେଶ୍ କିଛି ଘଣ୍ଟା କାଳ ପଣବନ୍ଦୀ କରି ରଖିଥିଲା। ଏ ସମ୍ପର୍କରେ ଦିନ ୧.୪୫ରେ ପୁଲିସ୍‌କୁ ଖବର ମିଳିଥିଲା। ଏହାପରେ ତୁରନ୍ତ ଅପରେସନ ଆରମ୍ଭ କରାଯାଇଥିଲା। ପ୍ରଥମେ ପୁଲିସ୍ ଅଭିଯୁକ୍ତ ରୋହିତକୁ ବୁଝାସୁଝା କରି ପଣବନ୍ଦୀମାନଙ୍କୁ ଛାଡ଼ିବାକୁ କୁହାଯାଇଥିଲା। ହେଲେ ସେ କିଛି ଶୁଣି ନଥିଲା। ସେ ପିଲାମାନଙ୍କୁ ଛାଡ଼ିବା ବଦଳରେ ସେ କ୍ଷତି ପହଞ୍ଚାଇବାକୁ ଧମକ ଦେଇଥିଲା। ରୋହିତ କୌଣସି କଥା ନ ଶୁଣିବାରୁ ପୁଲିସ୍ ବାଧ ହୋଇ ବାଥରୁମ ପଟେ ବଳପୂର୍ବକ ଷ୍ଟୁଡିଓ ଭିତରେ ପ୍ରବେଶ କରିଥିଲା। ଏହାପରେ ସମସ୍ତ ୧୭ ଜଣ ପିଲାଙ୍କୁ ସେଠାରୁ ମୁକୁଳାଇଥିଲା। ଏହି ଅପରେସନ ବେଳେ ରୋହିତ ଆହତ ହୋଇଥିଲା ଓ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଥିବା ପୁଲିସ୍ ନିଶ୍ଚିତ କରିଛି।

# ଓଡ଼ିଶାରେ ଖୁବ୍‌ଶୀଘ୍ର ୯୨ ରେଳ ଓଭରବ୍ରିଜ୍

ଭୁବନେଶ୍ୱର: ଓଡ଼ିଶାରେ ଖୁବ୍‌ଶୀଘ୍ର ୯୨ଟି ରେଳ ଓଭରବ୍ରିଜ୍‌ର ନିର୍ମାଣ ହେବ। ଏହାର ସମ୍ପୂର୍ଣ୍ଣ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ। କେନ୍ଦ୍ର ରେଳ ମନ୍ତ୍ରାଳୟ ଏନେଇ ଆବଶ୍ୟକ ମଞ୍ଜୁରୀ ଦେଇଛନ୍ତି। ଓଡ଼ିଶାର ଭିତ୍ତିଭୂମି ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ଏହି ସହୃଦୟତାପୂର୍ଣ୍ଣ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସବୁ ସମୟରେ ଓଡ଼ିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଆସିଛନ୍ତି। ରେଳପଥ, ସଡ଼କ ପଥ, ବନ୍ଦର ଓ ବିମାନ ଭିତ୍ତିଭୂମି ସହିତ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ଓଡ଼ିଶାବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ଶ୍ରଦ୍ଧା ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ। ଉଲ୍ଲେଖନୀୟ ଯେ ପୂର୍ବରୁ ଉଭୟ ରେଳ ମନ୍ତ୍ରାଳୟ ଓ ରାଜ୍ୟ ସରକାର ଏହି ରେଳ ଓଭରବ୍ରିଜ୍ ଗୁଡ଼ିକୁ ୫୦-୫୦ ଅନୁପାତରେ ଏଥିପାଇଁ ଖର୍ଚ୍ଚ କରିବେ ବୋଲି ସ୍ଥିର ହୋଇଥିଲା। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ରେଳ ମନ୍ତ୍ରାଳୟ ବହନ କରିବାକୁ ଅନୁରୋଧ କରାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷାକରି କେନ୍ଦ୍ର ରେଳ ମନ୍ତ୍ରାଳୟ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା ୯୨ ରେଳ ଓଭରବ୍ରିଜ୍‌ର ସମ୍ପୂର୍ଣ୍ଣ ନିର୍ମାଣ ଖର୍ଚ୍ଚ ବହନ କରିବେ ବୋଲି ପତ୍ର ମାଧ୍ୟମରେ ଜଣାଇଛନ୍ତି।

## ଥରୁଟିଏ ପାଇଁ

ଥରୁଟିଏ ପାଇଁ
ବାସ୍ ଥରୁଟିଏ ପାଇଁ
ମିଳିଯାଆନ୍ତା ତୁମେ ରହୁଥିବା
ଇଲାକାର ଠିକଣା
ମୋ ଲହୁର ପାରିଶ୍ରମିକ
ଗୋଟି ଗୋଟି କରି ଗଣି
ପହଞ୍ଚିଯାଆନ୍ତି ତୁମରି ପାଖେ,
ହେଉପଛେ
ବାସ୍ ଥରୁଟିଏ ପାଇଁ।
କହିଯାଆନ୍ତି ଏକ ନିଃଶ୍ୱାସକେ
ତୁମେ ଅନୁପସ୍ଥିତିର ଦାଉ
ଧକ୍କା ବିତାଇଥିବା
ଅନୁଭୂତି ପୁଣି ଦେଖନ୍ତ
ତୁମ ହାତ ଗଢା କଣ୍ଢେଇ ର
ପ୍ରତିଭା ଆପଣା ଆଖିରେ
ହେଉ ପଛେ,
ବାସ୍ ଥରୁଟିଏ ପାଇଁ।
ଅବିଳମ୍ବେ ଶୁଣିବାକୁ ପଡ଼ନ୍ତା
ତୁମ ତାଗିଦ୍‌ର ସ୍ୱର ବାପା।
ପରିଶ୍ରମର ଊଣା ପାଇଁ
ମୁଣ୍ଡପାତି ସହିଯାଆନ୍ତି
ଗାଳି ପରେ ଗାଳି,
ଶୁଣିଥାଆନ୍ତି ତୁମରି ଆବାଜ୍
ହେଉପଛେ
ବାସ୍ ଥରୁଟିଏ ପାଇଁ।
ଅନେକ ବାଃ ବାଃ
ଭିତରେ ସଂଶୋଧନ
ଅନେକ ଶୁଭେଚ୍ଛା
ଭିତରେ ତର୍ଜମାର
ନାହିଁ ନାହିଁ ତୁମ ଶୂନ୍ୟସ୍ଥାନ
ଦେଖି ଦେଇ ଯାଅ
ହେଉପଛେ
ବାସ୍ ଥରୁଟିଏ ପାଇଁ...
...ବାପା...
ଥରୁଟିଏ ପାଇଁ ॥

**ମନୀଷା ପଣ୍ଡା (ଶିକ୍ଷୟିତ୍ରୀ)**
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଅଙ୍କରାନ୍ତିପୁର, ଢେଙ୍କାନାଳ

## ଚିହ୍ନାସ୍ୱର

ରଙ୍ଗ୍‌ନମ୍ବରର ସେଇ ଚିହ୍ନାସ୍ୱର
ମନରେ ଆଙ୍କିଥିବା ତା'
ଅଦେଖା ଛବି
ବାରମ୍ବାର ଆଖିରେ ନାଚିଉଠେ
ମନକୁ ବୁଝାଇ ଚୁପ୍ ରହିଲେ ବି
ଖାଲି ସେଇ ଛବି
ଅଜଣା ଆଖି ଦୁଇଟି
ଝଲସିଦିଶେ
କୋଇଲିର ମିଠାସ୍ୱର
ଝରଣାର କୁଳୁକୁଳୁ ସଙ୍ଗୀତ
ଛାତିର ସ୍ପନ୍ଦନ
ମନକୁ ଅଧିରକରେ
ସେଇ ସ୍ୱର ଦିନେ ନ ଶୁଣିଲେ
କାହିଁକି ମନଟା ଅବୁଝା ହୁଏ
ଚା' କପର ଉଷ୍ମତା ବି
କମ୍ ହୋଇଯାଏ
ଫୋନର ରିଙ୍ଗ୍‌ଟୋନ
କାନରେ ବାଜିଗଲେ
ଦିନର ଦ୍ୱିପ୍ରହର ବି ସକାଳ ପରି
ତାଜା ହୁଏ
ସାଥି ବିନା ଜୀବନଟା ଅଧୁରା
ଯେବେ କଥା ହୁଏ
ବୈଶାଖୀ ତାତି ବି
କୁସୁମ ପରି
ଖାଲି ସେଇ ଚିହ୍ନାସ୍ୱରଟି ପାଇଁ

**କିରଣ ମନୀଷା ମହାନ୍ତି**
ରେଞ୍ଚ, ପୁରୀ

## ବିଶ୍ଳେଷଣ


ତାତିଲା ତେଲ,
ଜଳିଲା ସଳିତା,
ପ୍ରଶଂସା ପାଇଲା ଦୀପ
ଏବେ ଦେଖତ !
ସେ ବି ଆଲୋକବର୍ତ୍ତିକା ସାଜି
ସଂସାର ସାରା ଉଜ୍ଜ୍ୱଳକରେ,
ନିଜ ପରିସର ଅନ୍ଧକାର କିନ୍ତୁ;
ଏଇତ ବଇଠି ତଳର କଥା।
ଶକ୍ତପ୍ରହାରରେ
ଆଘାତ ପାଇଲା କଣ୍ଟା,
ତଥାପି ସେ ଦୃଢ଼
ଜୀବନ ତମାମ
କାନ୍ଥରେ ଧରି ରଖିବ
ଆଉ କାହା ଅସ୍ତିତ୍ୱକୁ
ପ୍ରଶଂସା ପାଇବ କିନ୍ତୁ ଚିତ୍ର
କାଗଜର ଠୁଙ୍ଗା ନଥିଲେ
ଖାଇ କି ପାରନ୍ତ ବାରମଜା
ଏବେ ଖିଆ ସରିଗଲା ପରେ
ଟିକେ ତ ସମ୍ମାନ ଦିଅ
ବାହା ସରିଲେ
ବେଦୀ ମୁହଁପୋଡ଼ା ବୋଲି
ଲୋଚାକୋଚା କରି
ଫୋପଡ଼ିଦେଲ ନା
ସତରେ ମୋର କେତେ ମୂଲ୍ୟ ଥିଲା
ତୁମ ସ୍ୱାର୍ଥ ପାଖେ !
ତୁମେ ମୁଁ ମୁଁ ହୋଇ,
କୁହତ, ଗୋଟେ ନୂଆ ସମ୍ପର୍କକୁ
ଗଢ଼ି ତୋଳିପାରିଲେ କେମିତି ହୁଅନ୍ତା ?

**ରାଇରଞ୍ଜନ ନନ୍ଦ**
ପୋଲସରା, ଗଞ୍ଜାମ

## ତୁମେ

ସୁନେଲି ସକାଳ ଆସେ
ଅନେକ ଆଶା ବାନ୍ଧି ମନେ
ସବୁତକ ଆଶା ସମ୍ପୂର୍ଣ୍ଣ ହେଉ
ଭାବୁଥାଏ ନିକାଞ୍ଚନେ।
ତୁମେ ମୌସୁମୀର
ଚଞ୍ଚଳ ବେଶେ ଆସ
ଝିପିଝିପି ଅସରାଏ
ବର୍ଷାରେ ଆସ
ତୁମେ ଧାରା ଶ୍ରାବଣଟେ
ହୋଇ ଆସ
ତୁମ ପାଇଁ
ଏ ଦରଜା ଖୋଲା, ଆସ।
ଜୀବନର ସାତଘେରା ଜଞ୍ଜାଳରେ
ମୁଁ ତୁମକୁ ହିଁ ତ ଖୋଜୁଥାଏ
ଦୁଃଖର ନଦୀରେ ସୁଖ ଖୋଜେ'
ରହେ ପାଇବାକୁ
ଅମୃତର ସନ୍ଧାନରେ।
ତୁମେ କ'ଣ ଚାହଁନି
ଦରଦ ବୁଝିବାକୁ
ଭୁଲିଯାଅ
ଅତୀତର କଷ୍ଟସବୁ
ଚାଲ ଜିଇଁନେବା
ବାକିତକ ଜୀବନ
ଖୁସିରେ ଖୁସିରେ ମିଳନର।

**ଲକ୍ଷ୍ମୀକାନ୍ତ ସାହୁ**
ଡୁଡୁକାମୁଣ୍ଡା, ବଲାଙ୍ଗିର



# ବନ୍ଦୀ ଶୈଶବ ଓ ଅସହାୟ ବାର୍ଦ୍ଧକ୍ୟ

**ଭାସ୍କର ବାରିକ**

ସମୟ ପାଖାପାଖି ଅପରାହ୍ଣ ପାଞ୍ଚଟା ତିରିଶି ହେଲାଣି। ସେପ୍ଟେମ୍ବର ମାସର ସୂର୍ଯ୍ୟ ଦେବତା ଆଉ କିଛି ସମୟ ପରେ ଲୁଚିଯିବେ ପାଖ ପାହାଡ଼ର ଆରପଟେ। ସନ୍ଧ୍ୟାର କଳା ପଣତ ଢାଙ୍କି ହେଇଯିବ ଚାରିଆଡ଼େ। ରାସ୍ତା କଡ଼ରେ ଛୋଟ ଛୋଟ ପିଲା ଦୁଇଜଣ ଖୁସିରେ ଖେଳୁଛନ୍ତି ଦୁଇଟି ଫଟା ସାଇକେଲ ଟାୟାର ଗଡ଼େଇ ଗଡ଼େଇ। ନିଜ ଭିତରେ କରୁଛନ୍ତି ପ୍ରତିଯୋଗିତା ଓ ହସୁଛନ୍ତି ମନଖୋଲା ହସ। ଫୁଙ୍ଗୁଳା ଦେହ, ପିନ୍ଧିଛନ୍ତି କେବଳ ଗୋଟିଏ ଗୋଟିଏ ଚିରାଫଟା ପ୍ୟାଣ୍ଟ୍। ବୋଧହୁଏ ପାଖ ବସ୍ତିରେ ରୁହନ୍ତି। ପିଲାମାନଙ୍କର ଖେଳ କୌତୁକର ନିଆରା ମଜା କିଛି ଦୂରରେ ଠିଆ ହୋଇ ନିର୍ନିମେଷ ନୟନରେ ଦେଖୁଥାନ୍ତି ଜଣେ ଖୁବ୍ ବୟସ୍କ ବ୍ୟକ୍ତି। ବୋଧହୁଏ ମନେ ପକାଉଛନ୍ତି ନିଜର ସୁବର୍ଣ୍ଣ ପିଲାଦିନ ଅବା କିଛି ହଜିଲା ଅତୀତ। ପାଖ ପାନ ଦୋକାନରେ ଠିଆହୋଇ ମୁଁ ବି ଦେଖୁଥିଲି ପିଲା ଦୁଇଜଣଙ୍କର ଖେଳ ଓ ଲକ୍ଷ୍ୟ କରୁଥିଲି ମଉସାଙ୍କ ହାବଭାବକୁ। କାହିଁକି କେଜାଣି ଇଛା ହେଲା ସେହି ମଉସାଙ୍କ ସହିତ କେଇ ପଦ କଥା ହେବା ପାଇଁ। ପାନ ଦୋକାନରୁ ବାହାରି ଆସି ଠିଆ ହେଲି ମଉସାଙ୍କ ପାଖରେ। କ'ଣ କଥା ହେବି ଭାବୁଛି, ମୋତେ ପାଖରେ ଦେଖି ହଠାତ୍ ମଉସାଙ୍କ ମୁହଁରୁ ଶୁଣିଲି, ଦେଖୁଛ ପୁଅ ପିଲା ଦୁଇ ଜଣ କେତେ ଖୁସିରେ ଖେଳୁଛନ୍ତି। ଏମିତି ଖୁସି ଆଉ ଥରେ ଫେରି ଆସନ୍ତାନି ଜୀବନରେ ! ଏ ପିଲା ଦୁଇଜଣଙ୍କର ଖେଳ ଦେଖି ମୋର ପିଲାଦିନର କଥା ଓ ନିଜର ନାତି ନାତୁଣୀଙ୍କ କଥା ମନେ ପଡ଼ିଗଲା। ସେଇଥିପାଇଁ ଟିକେ ଠିଆ ହେଇଥିଲି। ବୁଝିଲ ପୁଅ, ଆମ ପିଲାଦିନେ ଆମେ କେତେ ପ୍ରକାର ଖେଳ ଖେଳୁଥିଲୁ। ଆଜିକାଲିର ବସ୍ତୁବାଦୀ ଦୁନିଆରେ ବଢୁଥିବା ପିଲାଙ୍କ ପରି ଆମ ପିଲାଦିନ ନଥିଲା। ମୁକ୍ତ ବିହଙ୍ଗଟେ ପରି ଆମେ ଖୋଲା ଆକାଶରେ ଉଡ଼ି ବୁଲୁଥିଲୁ। କିନ୍ତୁ ଜୀବନର ଶେଷଭାଗରେ ଆଜି ଅନୁଭବ କରୁଛି ଆଜିର ସୁବିଧାବାଦୀ ସ୍ୱାର୍ଥପର ଦୁନିଆରେ ଅଧିକାଂଶ ପିଲା କେମିତି ଶୈଶବରୁ ଶିକୁଳିରେ ବନ୍ଧା ହୋଇଯାଉଛନ୍ତି। ଘରର ଚାରିକାନ୍ଥ ଭିତରେ କଟୁଛି ଜୀବନ। ଅଢ଼େଇରୁ ତିନି ବର୍ଷ ହୋଇଗଲେ, ଯାଉଛନ୍ତି ବିଦ୍ୟାଳୟକୁ କାନ୍ଧରେ ବ୍ୟାଗ୍ ଧରି। ପୁରା ଶଗଡ଼ ଗୁଳାରେ ଚାଲୁଛି ଜୀବନ। ବହିରେ ଯାହା ଲେଖା ଯାଇଛି ସେତିକି। ଶୁଆଟିଏ ଭଳି ଘୋଷି ଦିଅ, ପରୀକ୍ଷାରେ ପୁରା ଶହେରୁ ଶହେ ନମ୍ବର ଆଣ। ପିଲାମାନେ କେତେ ଖୁସି ସେକଥା ଛାଡ଼, ବାପାମାଆ ପୁରା କୃତ୍ୟ କୃତ୍ୟ ଖୁସିରେ। ଆମ ଛୁଆ ଅତ୍ୟନ୍ତ ମେଧାବୀ। ପାଖ ଘର ପିଲାଟି ଯଦି କମ୍ ନମ୍ବର ରଖିଲା, ତାହା ହେଲେ ଆରମ୍ଭ ହେଲା ତା ଉପରେ ମାନସିକ ଅତ୍ୟାଚାର। ପୁରୁଣା କାଳିଆ ଶାଶୂ ଟିକେ ଟିକେ କଥାରେ ବହୁକୁ ଖୁଣ୍ଟା ଦେଲା ଭଳି କଥା। ତୁ କ'ଣ ବୁଝି ପାରୁନୁ ? ଆଜିକାଲି ଯୁଗ ଯାହା ହେଲାଣି, ପାଠ ନପଢ଼ିଲେ ମଣିଷ ହେବୁ କେମିତି। ଅମୁକ ବାବୁଙ୍କ ପୁଅ କେମିତି ପଢୁଛି। ସେ ତ ତୋରି ଭଳିଆ ପିଲା। ସେ ଶ୍ରେଣୀରେ ପ୍ରଥମ ହେଉଛି, ଆଉ ତୁ ? ଏମିତି କେତେ କ'ଣ। କେହି ବୁଝୁନାହାଁନ୍ତି ପିଲାଟିର ମାନସିକ ଅବସ୍ଥା ଓ ସ୍ଥିତି ବିଷୟରେ। ଅପରିପକ୍ୱ ସରଳ ବୟସରେ ଅସମ୍ଭବ ଅସହ୍ୟ ଚାପ। ପାଠପଢ଼ା ପାଇଁ ବିଦ୍ୟାଳୟ ପରେ ଟିୟୁସନ୍ ପରେ ଟିୟୁସନ୍। ପୁଣି ନାଚ, ଗୀତ, ବାଜା ଇତ୍ୟାଦିରେ ପାରଙ୍ଗମ ହେବା ପାଇଁ ଧାଁ ଧପଡ଼। କେମିତି ଶ୍ରେଣୀରେ ପ୍ରଥମ ହେବେ, ଅଧିକରୁ ଅଧିକ ନମ୍ବର ରଖିବେ, ସେଥିପାଇଁ ବାପାମାଆଙ୍କର କେତେ ଚିନ୍ତା। ଆଜିକାଲି ପିଲାଙ୍କ ଭାଗ୍ୟରେ ଶୈଶବକୁ ମନଭରି ଉପଭୋଗ କରିବାର ସୁଯୋଗ ନାହିଁ। ବ୍ରଏଲର୍ କୁକୁଡ଼ା ଭଳି ବଢୁଛନ୍ତି। ବାହାରକୁ ଧୋବ ଫରଫର କିନ୍ତୁ ଭିତରେ ଫମ୍ପା। ନୈତିକତା ଓ ମୂଲ୍ୟବୋଧର ଅଭାବ। ପିଲାର ଇଛା ଅନିଚ୍ଛା ପ୍ରତି କାହାର ନିଘା ନାହିଁ। ଜେଜେବାପା ଜେଜେମାଆର ସ୍ନେହ ମମତା ଓ କାହାଣୀ ପେଡ଼ିରୁ ଅଧିକାଂଶ ପିଲା ବଞ୍ଚିତ। ବୁଢ଼ୀ ଅସୁରୁଣୀ ଗପ, ରାଜାରାଣୀ କାହାଣୀ, ବଉଳା ଗାଈ ଓ ବାଘର କାହାଣୀ ଭିତରେ ଥିବା ନୈତିକତା, ଦାନବୀର ରାଜା ହରିଶ୍ଚନ୍ଦ୍ର ଓ ନଳରାଜାଙ୍କ ଦାନ ଓ ବଦାନ୍ୟତା, ବୀର ଅର୍ଜୁନ, କର୍ଣ୍ଣଙ୍କ ପରି ଯୋଦ୍ଧାଙ୍କର ବୀରତ୍ୱର ଗାଥା ଶୁଣିବାର ସୌଭାଗ୍ୟ ନାହିଁ ଆଜିର ପିଲାଙ୍କ ପାଖରେ। ନିଜର ପ୍ରଥା ପରମ୍ପରା ସଂସ୍କୃତି ପର୍ବପର୍ବାଣୀ ବିଷୟରେ ପିଲା କିଛି ଜାଣୁନି। ପାଲା, ଦାସକାଠିଆ, ଚଢ଼େଇଆ ଚଢ଼େଇଆଣୀ ନାଚ, କଣ୍ଢେଇ ନାଚ ପିଲା ପାଇଁ ସ୍ୱପ୍ନ। ଆମ ଶାସ୍ତ୍ର ପୁରାଣ ଗୀତା ଭାଗବତଠାରୁ ପିଲା ବହୁ ଦୂରରେ। ନୀତି ନୈତିକତାର ଶିକ୍ଷା ନାହିଁ। ପିଲା ଭଲ ମଣିଷ ହେବ କେମିତି ? ସଜ ପିଜୁଳି, ଜାମୁକୋଳି, ବରକୋଳି, କାନକୋଳି, ତାଳସଜ ଇତ୍ୟାଦି ପିଲାଦିନେ କେତେ ମଜାରେ ଆମେ ଖାଉଥିଲୁ କେତେ ସାଙ୍ଗ ମିଶି ନିଜ ବାଡ଼ିରୁ ତଥା ପଡିଶା ଘରର ବାଡ଼ିରୁ। ଏ ଖୁସି ଆଉ ନାହିଁ। ନଟୁ ଖେଳ, ବାଟି ଖେଳ, ଗଛ ବାଗୁଡ଼ି, କବାଡ଼ି, ଗୋଟି ଡାବୁଳ ଆହୁରି କେତେ କ'ଣ ଖେଳ ଖେଳି ସନ୍ଧ୍ୟାରେ ଘରକୁ ଫେରୁଥିଲୁ। କୁଆଡେ ଗଲା ସେ ଦିନ ସବୁ ! ପିଲାଦିନରୁ ଆଜିର ଆଧୁନିକ ପିଲାମାନେ ଏକ ପ୍ରକାର ଶିକୁଳିରେ ବନ୍ଧା ଜୀବନ ଜିଉଁଛନ୍ତ।

ଶୁଣୁଥିଲି ମଉସାଙ୍କ ହୃଦୟର କଥା ଓ ବୁଝୁଥିଲି ମନର କ୍ଷୋଭ। ସେ ଟିକେ ଅଟକିଲା ପରେ ପଚାରିଲି, ମଉସା ଆପଣ ଯେଉଁ ନାତି ନାତୁଣୀଙ୍କ କଥା ପ୍ରଥମେ କହୁଥିଲେ, ସେମାନ କ'ଣ ଏମିତି ସବୁ ଆଧୁନିକ ପିଲାଙ୍କ ଭଳିଆ ବଢୁଛନ୍ତି ନା ଆମେ ଦେଖୁଥିବା ଓ ଶୈଶବକୁ ମନଭରି ଉପଭୋଗ କରୁଥିବା ଏହି ଛୋଟ ପିଲା ଦୁଇଟି ଭଳି ଖୁସିରେ ପାଠ ପଢ଼ିବା ସହିତ ଶୈଶବକୁ ଉପଭୋଗ କରୁଛନ୍ତି ? ମୋ କଥାରେ ମଉସା ଜଣଙ୍କର ଆଖି ଓଦା ଓଦା ଦେଖାଗଲା। ଆଖିରୁ ମୋଟା ଚଷମା କାଢ଼ି ଲୁହ ପୋଛିଲେ। ଦୋଷୀ ଦୋଷୀ ଲାଗିଲା ମୋତେ କିନ୍ତୁ ମୁଁ ଜାଣି ପାରୁନଥିଲି କ'ଣ ଭୁଲ୍ କଲି। ହାତଯୋଡ଼ି କହିଲି, ମୋ ଅଜାଣତରେ ଯଦି ମୁଁ ଆପଣଙ୍କୁ ଦୁଃଖ ଦେଇଛି ମୋତେ କ୍ଷମା କରିବେ ମଉସା। ପାକୁଆ ପାଟିରେ ସାମାନ୍ୟ ହସିଲେ ଓ ମୋ ମୁଣ୍ଡରେ ହାତ ରଖି ଆଶୀର୍ବାଦ କରିବା ଭଙ୍ଗୀରେ କହିଲେ, ନାହିଁ ବାବା ତମେ କିଛି ଭୁଲ୍ କରିନ। ଜୀବନରେ ଭୁଲ୍ ମୁଁ କରିଛି ଅଧିକାଂଶ ଆଧୁନିକ ବାପାମାଆଙ୍କ ଭଳି। ଗୋଟିଏ ବୋଲି ପୁଅ ମୋର। ସରକାରୀ ଚାକିରି ଗୋଟେ କରିଥିଲି। ଅନେକ ବର୍ଷ ହେଲା ଚାକିରିରୁ ଅବସର ନେଇ ସାରିଲିଣି। ମୋ ପୁଅ କେମିତି ଭଲ ବିଦ୍ୟାଳୟରେ ପଢ଼ିବ ଓ ଆଗକୁ ଯିବ, ତା'ର ସମସ୍ତ ବ୍ୟବସ୍ଥା କରିଥିଲି। ପୁଅର ପାଠପଢ଼ା ଓ ଚାକିରିର ବ୍ୟସ୍ତତା ଭିତରେ ବୁଢ଼ା ବୟସରେ ନିଜ ବାପାମାଆଙ୍କୁ ବି ଅବହେଳା କରିଛି। ବର୍ଷ ବର୍ଷ ଧରି ଗାଁକୁ ଯାଇନି। ଯେଉଁ ପୁଅ ପାଇଁ ମୁଁ ସବୁକିଛି ଭୁଲି, ତାକୁ ମଣିଷ କଲି, ସେହି ପୁଅ ଏବେ ଆମେରିକାରେ। ନିଜ ଇଚ୍ଛାରେ ବାହା ହେଇଛି ଜଣେ ଆମେରିକୀୟ ଝିଅକୁ। ଏବେ ସେ ଦୁଇଟି ପିଲାର ବାପା। ସେ ଦେଶର ନାଗରିକତା ବି ପାଇ ସାରିଲାଣି। କେବେ କେମିତି ଭିଡିଓ କଲ୍ କରି ନାତିନାତୁଣୀଙ୍କୁ ଦେଖାଏ। ସେ ଆଉ ଏଠାକୁ ଫେରିବାର ଆଶା ପ୍ରାୟ ନାହିଁ। ଜୀବନର ଅନ୍ତିମ ମୁହୂର୍ତ୍ତରେ ଆମେ ବୁଢ଼ାବୁଢ଼ୀ ଦୁଇ ଜଣ। ସାହା ଭରଷା କେହି ନାହାନ୍ତି। କେବଳ ଈଶ୍ୱର ଭରଷା। ପୁଅ କହୁଛି ଭାରତ ଛାଡ଼ି ଆମେରିକା ଚାଲିଯିବାକୁ। ଯେଉଁ ପୁଅକୁ ମଣିଷ କରିଥିଲି ଭାରତ ମାଆର ସେବା କରିବା ପାଇଁ, ସେ ମଣିଷ ହେବା ପରେ ଆମେରିକାର ସେବା କରୁଛି ଆଉ ମୋତେ କହୁଛି ମୋ ଦେଶ ଛାଡ଼ି ସେ ଦେଶକୁ ଚାଲିଯିବାକୁ। ଜନ୍ମ ନେଇଛି ଏ ପବିତ୍ର ଭାରତବର୍ଷରେ, ମରିବି ବି ଏହି ପବିତ୍ର ମାଟିରେ। ମୁଁ କାହିଁକି ତା ପାଖକୁ ଯିବି ? ଯେତେଦିନ ଯାଏ ଆମେ ନିଜ କାମ ନିଜେ କରି ପାରୁଛୁ, ଠିକ୍ ଅଛି। ଯେବେ ଅନୁଭବ କରିବୁ, ଆଉ ନୁହଁ, ପୁଅ ପାଇଁ ସହରରେ ତିଆରି କରିଥିବା କୋଠାଘରଟିକୁ ବିକ୍ରି କରିଦେଇ କେଉଁ ଗୋଟେ ଅନାଥାଶ୍ରମକୁ ଚାଲିଯିବୁ ଦୁଇ ଜଣ। ମଉସାଙ୍କ କଥା ଶୁଣି ହୃଦୟ ମୋର ଭାରି ଭାରି ଲାଗୁଥିଲା। ଭାବୁଥିଲି କେଉଁଠି ରହୁଛି ଭୁଲ୍ ଯେଉଁଥି ପାଇଁ ଉଭୟ ଶୈଶବ ଓ ବାର୍ଦ୍ଧକ୍ୟ ଏକ ପ୍ରକାର ଅସହାୟତାର ଶିକାର ହେଉଛି।

ଭଡ଼ା ଘରକୁ ଫେରୁଥିବା ରାସ୍ତାରେ ମନଟା ଭାରି ଗୋଳେଇ ଘାଣ୍ଟି ହେଉଥିଲା ମଉସାଙ୍କ ଆବେଗ ଭରା କଥାକୁ ନେଇ କାରଣ ମଉସା ଯାହା କହିଥିଲେ, ତାହା ନିଷ୍ଠୁର ସତ୍ୟ ଉପରେ ପର୍ଯ୍ୟବେସିତ ଥିଲା। ଅତ୍ୟାଧୁନିକ ଯୁଗର ତଣ୍ଟିକଟା ପ୍ରତିଯୋଗିତା ଭିତରେ ଅଧିକାଂଶ ପିଲାମାନଙ୍କର ଶୈଶବର ଖୁସି ଆଉ ପ୍ରାୟ ନାହିଁ। ବାର୍ଦ୍ଧକ୍ୟରେ ଖୁବ୍ ଉଚ୍ଚ ଶିକ୍ଷିତ ଓ ପ୍ରତିଷ୍ଠିତ ପିଲାମାନଙ୍କ ଦ୍ୱାରା ବାପାମାଆ ଅବହେଳିତ। ସମାଜର ଉପର ସ୍ତରର ଅଧିକାଂଶ ବରିଷ୍ଠ ନାଗରିକଙ୍କ ଅବସ୍ଥା ଏହି ଅସହାୟ ମଉସାଙ୍କ ପରି। ବନ୍ଦୀ ଶୈଶବ ଓ ବାର୍ଦ୍ଧକ୍ୟରେ ଅସହାୟତା ମୋତେ ବିଚଳିତ କରୁଥିଲା। ଏମିତି ମହାମାରୀ ସମସ୍ୟାର ସମାଧାନର ପନ୍ଥା କ'ଣ, ସେଇଟା ଆମ ପାଇଁ ଓ ଆମ ସମାଜ ପାଇଁ ନିଶ୍ଚିତ ଏକ ବଡ଼ ପ୍ରଶ୍ନ। ସମାଜର ବୁଦ୍ଧିଜୀବୀ, ବିଜ୍ଞ ଜ୍ଞାନୀ ଗୁଣୀ ଲୋକ ଓ ଶାସନ ପ୍ରଶାସନ ସ୍ତରରେ ଏବାବଦରେ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ମନେହୁଏ।

***ବାସୁଦେବପୁର, ଭଦ୍ରକ***

# ବୁଟ୍‌କଟ୍ ଜିନ୍ସ ଫ୍ୟାଶନ




**ବୁଟ୍‌କଟ୍ ଜିନ୍ସକୁ ଏବେ ଯୁବପିଢ଼ି ବେଶ୍ ପସନ୍ଦ କରୁଛନ୍ତି। ଏହି ଟାଇପ୍‌ର ଜିନ୍ସ ସାଧାରଣତଃ ଅଣ୍ଟାଠୁ ଆଣ୍ଠୁ ପର୍ଯ୍ୟନ୍ତ ଫିଟିଙ୍ଗ୍ ହୋଇକି ରହିଥାଏ ଏବଂ ଆଣ୍ଠୁରୁ ତଳ ଆଡକୁ ଢିଲା ରହିଥାଏ। ତେବେ ଏହି ଜିନ୍ସ ସହ କେଉଁ ଟାଇପ୍‌ର ଟପ୍ସ ପିନ୍ଧିଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗିବ ଜାଣନ୍ତୁ ସେ ସମ୍ପର୍କରେ...**

* ଫୁଲ୍ ସ୍ଲିଭ୍ ଟପ୍ସ: ଯୁବତୀ ଚାହିଁଲେ ନିଜ ମନପସନ୍ଦର ଯେ କୌଣସି ରଙ୍ଗର ଫୁଲ୍ ସ୍ଲିଭ୍ ଟପ୍ସକୁ ବୁଟ୍‌କଟ୍ ଜିନ୍ସ ସହ କ୍ୟାରି କରିପାରିବେ। ଏହା ତାଙ୍କୁ ଏକ ଡିଫରେଣ୍ଟ ଲୁକ୍ ଦେଇଥାଏ। ଏହି ଗେଟ୍‌ଅପ୍ ସାଙ୍ଗକୁ ଷ୍ଟଡ୍ ଇୟର ରିଂ ବେଶ୍ ଭଲ ମାନିଥାଏ।

* କ୍ରପ୍ ହଲ୍ଟର ନେକ୍: ଏହି ଟାଇପ୍‌ର ଟପ୍ସ ଯୁବତୀଙ୍କୁ ବୋଲ୍ଡ ଲୁକ୍ ଦେଇଥାଏ। ଖାସ୍‌କରି ବୁଟ୍‌କଟ୍ ଜିନ୍ସ ସହ ଉଭୟ ଡାର୍କ ହେଉକି ଲାଇଟ୍ କଲର୍‌ର କ୍ରପ୍ ହଲ୍ଟର ନେକ୍‌ବାଲା ଟପ୍ସ ବେଶ୍ ଭଲ ମ୍ୟାଚ୍ କରିଥାଏ। ତେବେ ଏହି ଲୁକ୍‌କୁ ଆଉ ଟିକେ ଆକର୍ଷଣୀୟ କରିବା ପାଇଁ ଯୁବତୀ ଚାହିଁଲେ ନିଜ କେଶକୁ ହାଇ ପିନ୍ ଦ୍ୱାରା ଉପରକୁ ଟେକି ବାନ୍ଧିପାରିବେ।

* ଟ୍ୟାଙ୍କ ଟପ୍ସ: ଏହି ଟପ୍ସକୁ ଯେ କୌଣସି ଜିନ୍ସ ସହ ଆରାମରେ କ୍ୟାରି କରିହେବ। ଯୁବତୀ ଯଦି ନିଜ ଲୁକ୍‌ରେ ଟିକେ କଣ୍ଟ୍ରାଷ୍ଟ ଆଡ୍ କରିବାକୁ ଚାହୁଁଥାନ୍ତି, ତା'ହେଲେ ସିମ୍ପଲ ଟ୍ୟାଙ୍କ ଟପ୍ସକୁ ବୁଟ୍‌କଟ୍ ଜିନ୍ସ ସହ ସାଇଡ୍ ନଟ୍ ଭାବେ ଷ୍ଟାଇଲ୍ କରି ମଧ୍ୟ ପିନ୍ଧିପାରିବେ।

* ଅଫ୍ ସୋଲ୍ଡର ଟପ୍ସ: କକ୍‌ଟେଲ୍ ପାର୍ଟିକୁ ଯିବାର ଥିଲେ, ବୁଟ୍‌କଟ୍ ଜିନ୍ସ ସହ ଅଫ୍ ସୋଲ୍ଡର ଟପ୍ସ ଟ୍ରାଏ କଲେ କ୍ଲାସି ଲୁକ୍ ମିଳିଥାଏ। ଚାହିଦାକୁ ନଜରରେ ରଖି ଏହା ବିଭିନ୍ନ ପାର୍ଟନରେ ମଧ୍ୟ ଉପଲବ୍ଧ ହୋଇଥାଏ। ଏହି ଲୁକ୍ସକୁ ଆଉ ଟିକେ ଆଟ୍ରାକ୍ଟିଭ୍ କରିବା ପାଇଁ ଯୁବତୀ ଚାହିଁଲେ କେଶକୁ କର୍ଲି କରିପାରିବେ। ମେକ୍‌ଅପ୍‌କୁ ହାଇଲାଇଟ୍ କରିବା ପାଇଁ ଓଠରେ ଚକୋଲେଟି ବ୍ରାଉନ୍ କଲର୍‌ର ଲିପ୍‌ଷ୍ଟିକ୍ ମଧ୍ୟ ଲଗାଇପାରିବେ।

* ବଲୁନ୍ ସ୍ଲିଭ୍ ଟପ୍ସ: ବୁଟ୍‌କଟ୍ ଜିନ୍ସ ପରି ଏବେ ବଲୁନ୍ ସ୍ଲିଭ୍ ଟପ୍ସର ମଧ୍ୟ ବେଶ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି। ଆଉ ଯଦି ବୁଟ୍‌କଟ୍ ଜିନ୍ସ ସହ ଏହି ଟପ୍ସକୁ ପେୟାର୍ କରି ପିନ୍ଧାଯାଏ, ତା'ହେଲେ ଏହା ବାଲାନ୍ସ ଲୁକ୍ ଦେଇଥାଏ। ଖାସ୍ କରି ପ୍ରିଣ୍ଟେଡ୍ ବଲୁନ୍ ସ୍ଲିଭ୍ ଟପ୍ସ ବୁଟ୍‌କଟ୍ ଜିନ୍ସ ସାଙ୍ଗକୁ ଅଧିକ ସୁନ୍ଦର ଦେଖାଯାଇଥାଏ। ଏହି ଲୁକ୍ ସାଙ୍ଗକୁ କେଶ ଖୋଲା ଛାଡ଼ିପାରିବେ ନଚେତ୍ ହାଇ ପୋନିଟେଲ୍ ବି କରିପାରିବେ।

* ଟି-ଶାର୍ଟ: ଏହା ଯୁବତୀଙ୍କୁ କୁଲ୍ ଲୁକ୍ ଦେଇଥାଏ। ବିଶେଷକରି ଡେ ଆଉଟିଂରେ ଗଲାବେଳେ ବୁଟ୍‌କଟ୍ ଜିନ୍ସ ସହ ଟି-ଶାର୍ଟକୁ ପେୟାର୍ କରି ପିନ୍ଧିଲେ ଲୁକ୍ ବେଶ୍ ସ୍ମାର୍ଟ ଲାଗିଥାଏ। ଏହି ଗେଟ୍‌ଅପ୍‌ରେ କେଶକୁ ଖୋଲା ଛାଡ଼ିପାରିବେ ନଚେତ୍ ହାଇ ପୋନିଟେଲ୍ ବି କରିପାରିବେ।

* ଫୁଲ-ସ୍ଲିଭ ଶାର୍ଟ: ବୁଟ୍‌କଟ୍ ଜିନ୍ସ ସହ ଫୁଲ୍ ସ୍ଲିଭ୍ ଶାର୍ଟ ପିନ୍ଧିଲେ କାଜୁଆଲ୍ ଲୁକ୍ ମିଳିଥାଏ। ଖାସ୍ କରି ଲାଇଟ୍ କଲର୍‌ର ପ୍ରିଣ୍ଟେଡ୍ ଫୁଲ୍ ଶାର୍ଟ ଏହି ଲୁକ୍ ପାଇଁ ପୂରା ପରଫେକ୍ଟ ହୋଇଥାଏ। ଏହି ଲୁକ୍‌କୁ ଆହୁରି ଭଲ କରିବା ପାଇଁ ହାଇହିଲ୍ ପିନ୍ଧିବା ସାଙ୍ଗକୁ ହାଇ ପୋନିଟେଲ୍ ମଧ୍ୟ କରିପାରିବେ।

* ଶର୍ଟ କୁର୍ତ୍ତି: ଏହା ଯୁବତୀଙ୍କୁ କୁଲ୍ ଲୁକ୍ ଦେଇଥାଏ। ବିଶେଷକରି ଡେ ଆଉଟିଂରେ ଗଲାବେଳେ ଚୁଟ୍‌କଟ୍ ଜିନ୍ସ ସହ ଶର୍ଟ ଷ୍ଟାଇଲ୍ କୁର୍ତ୍ତିକୁ ପେୟାର୍ କରି ପିନ୍ଧିଲେ ଲୁକ୍ ବେଶ୍ ସ୍ମାର୍ଟ ଲାଗିଥାଏ। ଏହି ଗେଟ୍‌ଅପ୍‌ରେ କେଶକୁ ଖୋଲା ଛାଡ଼ିପାରିବେ ନଚେତ୍ ହାଇ ପୋନିଟେଲ୍ ବି କରିପାରିବେ।





## ପିଜୁଳି ପତ୍ର ଓ କେଶ ଚର୍ଚ୍ଚା



**ଫଳମୂଳ ପ୍ରତିଦିନ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ। ଆମ ଦେଶରେ ପିଜୁଳି ଫଳର ଆଦର ଅଧିକ ଥିବା ବେଳେ ଏହାର ପତ୍ରରେ ମଧ୍ୟ ଔଷଧୀୟ ଗୁଣ ଭରପୁର। କେଶ ଝଡ଼ାରୁ ରକ୍ଷା ପାଇବାକୁ ଚାହୁଁଥିଲେ, ପିଜୁଳି ପତ୍ରରେ ଉପଚାର କଲେ ଲାଭ ମିଳିଥାଏ।**

❒ ୧୫-୨୦ ଟି ପିଜୁଳି ପତ୍ର ଆଣି ଭଲରେ ଧୋଇ ତାହାକୁ ୧ ଲିଟର ପାଣିରେ ଫୁଟାଇବେ। ପରେ ଏହାକୁ ଛାଣି ଥଣ୍ଡା ହେବା ପାଇଁ ରଖିବେ। ଏହି ପିଜୁଳି ପତ୍ର ଫୁଟା ପାଣିକୁ ତୁଳାରେ ନେଇ କେଶ ମୂଳରେ ଲଗାଇବେ। ୨୦ ମିନିଟ ପରେ ଶାମ୍ପୁ କରିବେ। କେଶ ଝାଡ଼ା, ରୁପି ଇତ୍ୟାଦି ସମସ୍ୟାରୁ ଏହି ପାଣି ରକ୍ଷା କରେ।

❒ ସପ୍ତାହରେ ୨-୩ ଥର ଏହିପରି ଉପାୟରେ କେଶର ଯତ୍ନ ନିଅନ୍ତୁ। କେଶ ସଂକ୍ରମଣ ହୋଇଥିଲେ ମଧ୍ୟ ତାହା ଦୂର ହୋଇଯିବ। ଏହି ଫୁଟା ପାଣିକୁ ଫ୍ରିଜରେ ରଖି ବ୍ୟବହାର କରିବା ଅନୁଚିତ।

❒ ପିଜୁଳି ପତ୍ରକୁ ବାଟି ସେଥିରେ ଦହି ମିଶାଇ କେଶରେ ଲଗାନ୍ତୁ। ୧୦ ମିନିଟ ପରେ ଧୋଇନେବେ। କେଶ ଘନତ୍ୱ ବଢ଼ାଇବାକୁ ଚାହିଁଥିଲେ ଏହା ଏକ ସରଳ ଉପାୟ।

# ହାଇ ଆସେ କାହିଁକି





**ଆପଣ ନଜର କରିଥିବେ ଯଦି ପାଖରେ ଥିବା ବ୍ୟକ୍ତି ହାଇ ମାରନ୍ତି ତେବେ ଆପଣଙ୍କୁ ବି ହାଇ ଆସେ। ତେବେ ଏହା କ'ଣ କେବଳ ଏଥିପାଇଁ ହୁଏ ଯେ, ଆମେ ବୋର୍ ହେଇଥାଉ ଅବା ଏହା ପଛରେ ଆଉ କିଛି କାରଣ ରହିଛି। ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏହାର କନେକ୍ସନ କେବଳ ନିଦ ସହ ଅବା ବୋରିଂନେସ୍ ସହ ନାହିଁ ବରଂ ଏହା ପଛରେ ଆହୁରି ଅନେକ ରୋଚକ କାରଣ ରହିଛି...**

ଚିକିତ୍ସା ବିଜ୍ଞାନର ଜନକ ହିପୋକ୍ରେଟ୍ସ କହିଛନ୍ତି, ଫୁସ୍‌ଫୁସ୍‌ରୁ ଦୂଷିତ ବାୟୁ ବାହାର କରିବାର ଏକ ମାଧ୍ୟମ ହେଉଛି ହାଇ। ଅର୍ଥାତ୍ ଆମ ଶ୍ୱସନ ପ୍ରଣାଳୀର ଏକ କାର୍ଯ୍ୟ ହେଉଛି ହାଇ। ଗବେଷଣା କହେ, ରକ୍ତରେ ଯେବେ ଅମ୍ଳଜାନର ଆବଶ୍ୟକତା ହୁଏ ସେବେ ହାଇ ହୁଏ। ହାଇ ମାରିବା ଦ୍ୱାରା ଅଧିକ ମାତ୍ରାରେ ବାୟୁ ଶରୀର ମଧ୍ୟକୁ ପ୍ରବେଶ କରେ ଓ ହୃଦସ୍ପନ୍ଦନ ବଢ଼େ। ଯଦ୍ୱାରା ଅଧିକ ଅମ୍ଳଜାନ ଶରୀର ଭିତରକୁ ପମ୍ପ ହୋଇଥାଏ। ତେଣୁ ଏହା କୁହାଯାଇପାରେ ଯେ, ରକ୍ତରୁ ଟକ୍ସିନ୍‌କୁ କ୍ଲିୟର୍ କରିବା ଓ ଅମ୍ଳଜାନ ପ୍ରଦାନ କରିବା ପାଇଁ ହାଇ ହୋଇଥାଏ। ତେବେ ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟର ତଥ୍ୟ କହେ, ହାଇର କନେକ୍ସନ ଆମ ମସ୍ତିଷ୍କ ସହ ରହିଛି। କାମ କରୁଥିବା ସମୟରେ ତାତି ଯାଇଥିବା ମସ୍ତିଷ୍କକୁ ଥଣ୍ଡା କରିବା ଲାଗି ହାଇ ଆସିଥାଏ। ଏହାଦ୍ୱାରା ଶରୀରର ତାପମାତ୍ରା ନିୟନ୍ତ୍ରିତ ହୋଇଥାଏ। ଶୀତଦିନେ ଅମ୍ଳଜାନର ଆବଶ୍ୟକତା ଅଧିକ ଥାଏ ତେଣୁ ଅଧିକ ହାଇ ଆସେ।

୨୦୦୪ ମସିହାରେ ମ୍ୟୁନିଖର ସାଇକିୟାଟ୍ରିକ ୟୁନିଭର୍ସିଟି ହସ୍ପିଟାଲର ରିସର୍ଚ୍ଚ କହେ, ହାଇ ସଂକ୍ରମଣ ବଢ଼ାଇଥାଏ। ପ୍ରାୟ ୩୦୦ ଲୋକଙ୍କ ଉପରେ କରାଯାଇଥିବା ଗବେଷଣାରେ ୫୦ ପ୍ରତିଶତ ଲୋକ ଏମିତି ଥିଲେ ଯେଉଁମାନେକି ଅନ୍ୟକୁ ଦେଖି ହାଇ ମାରୁଥିଲେ। ବୈଜ୍ଞାନିକଙ୍କ ମତରେ ଯେବେ ମଣିଷ କାହାକୁ ହାଇ ମାରୁଥିବା ଦେଖେ ତେବେ ତାହାର 'ମିରର ନ୍ୟୁରୋନ୍ ସିଷ୍ଟମ୍' ଆକ୍ଟିଭେଟ୍ ହୋଇଯାଏ। ଆଉ ତାହା ନକଲ କରିବାକୁ ଉକ୍‌ସାଇଥାଏ। ଏହି କାରଣରୁ ହିଁ ଜଣକୁ ଦେଖିଲେ ଅନ୍ୟ ଜଣେ ହାଇ ମାରିଥାନ୍ତି। ଏହାବାଦ୍ ନିକଟରେ ହୋଇଥିବା ଏକ ଗବେଷଣା କହେ ଯେଉଁ ଲୋକଙ୍କ ମସ୍ତିଷ୍କ ଅଧିକ କାମ କରେ ତାଙ୍କର ହାଇ ଅଧିକ ଲମ୍ବା ହୋଇଥାଏ। ଯଦ୍ୱାରା ମସ୍ତିଷ୍କ ଥଣ୍ଡା ହୋଇଥାଏ। ପ୍ରଫେସର ଆଣ୍ଡ୍ର୍ୟୁ ସି. ଗ୍ୟାଲପ୍‌ଙ୍କ ତାଜା ଗବେଷଣା 'ଆନିମଲ ବିହେଭିୟର' ନାମକ ଜର୍ନାଲରେ ପ୍ରକାଶିତ ହୋଇଥିଲା। ଏହି ଗବେଷଣାରେ ଗ୍ୟାଲପ୍ କହିଛନ୍ତି, ଜଣକୁ ଦେଖି ଅନ୍ୟଜଣଙ୍କୁ ସେତେବେଳେ ହାଇ ଆସେ ଯେବେ ଏକ ଗ୍ରୁପ୍‌ର ସମସ୍ତେ ପରସ୍ପରକୁ ଭଲଭାବେ ଜାଣନ୍ତି। ୨୦୨୦ରେ ହୋଇଥିବା ଏକ ଗବେଷଣାରେ ବି ଦେଖା ଯାଇଥିଲା ଯେ, ହାତୀ ସହ ରହୁଥିବା ମାହୁନ୍ତ ଯେତେବେଳେ ହାଇ ମାରୁଥିଲା ହାତୀ ବି ହାଇ ମାରିଥିଲା। କାରଣ ଦୁହେଁ ପରସ୍ପର ସହ ସାମାଜିକଭାବେ ଜଡ଼ିତ। ଏହି ପ୍ରକ୍ରିୟା ଶୈଶବକାଳରୁ ଆରମ୍ଭ ହୋଇଥାଏ ଯେବେଠୁ ପିଲାଙ୍କ ମସ୍ତିଷ୍କ ସକ୍ରିୟ ହୋଇଥାଏ।



# ନେଫ୍ରୋଟିକ୍ ସିଣ୍ଡ୍ରୋମ୍‌ର ଲକ୍ଷଣ ଓ ଉପଚାର

ପରିସ୍ରାରେ ଅଧିକ ମାତ୍ରାରେ ପ୍ରୋଟିନ ବାହାରିବାରେ ଲାଗିଲେ ଶରୀରରେ ପ୍ରୋଟିନର ଅଭାବ ହୋଇଯାଏ। ତାହାକୁ ନେଫ୍ରୋଟିକ ସିଣ୍ଡ୍ରୋମ କହନ୍ତି। ଏହା କିଡ୍‌ନୀ ସହ ଜଡ଼ିତ ଏକ ରୋଗ। ଛୋଟ ପିଲାଙ୍କଠାରେ ଏହି ରୋଗ ଅଧିକ ଦେଖାଯାଏ। ଯଦିଓ ବୟସ୍କମାନେ ମଧ୍ୟ ଏହାର ଶିକାର ହୋଇଥାନ୍ତି, କିନ୍ତୁ ନେଫ୍ରୋଟିକ ସିଣ୍ଡ୍ରୋମ ୨ରୁ ୬ ବର୍ଷର ପିଲାଙ୍କଠାରେ ସବୁଠାରୁ ଅଧିକ ଦେଖାଯାଏ। ଏହି କାରଣରୁ ଗୋଡ଼ ଓ ଗୋଇଠି ଫୁଲିବା ସହିତ ଅନ୍ୟାନ୍ୟ ସମସ୍ୟା ଉପୁଜିଥାଏ।

କିଡ୍‌ନୀ ଶରୀରର ଦୂଷିତ ପଦାର୍ଥକୁ ବାହାର କରିବା କାମ କରିଥାଏ। କିଡ୍‌ନୀରେ ବଡ଼ ଛିଦ୍ର ହୋଇଯିବା କାରଣରୁ ଶରୀରର ଆବଶ୍ୟକ ପୋଷକ ତତ୍ତ୍ୱ ଓ ପ୍ରୋଟିନ ମୂତ୍ରମାର୍ଗ ଜରିଆରେ ଶରୀରରୁ ବାହାରିଯାଇଥାଏ। ଏହାଦ୍ୱାରା ରକ୍ତରେ ପ୍ରୋଟିନର ଅଭାବ ହୋଇଯାଏ। ଏହି କାରଣରୁ ଆଖି ଓ ପେଟ ଫୁଲିଥାଏ। ଏଥିସହିତ କାଲେଷ୍ଟ୍ରଲ ବଢ଼ିଯାଏ। ଏହାଦ୍ୱାରା ଫିଲ୍ଟର ଭଳି କାମ କରୁଥିବା କିଡ୍‌ନୀର ଛୋଟ ବାହିକା ଖରାପ ହୋଇଯାଏ। ଯଦି ଉଚିତ ଉପଚାର ହୋଇପାରେ ନାହିଁ, ତେବେ ନେଫ୍ରୋଟିକ ସିଣ୍ଡ୍ରୋମ ରୋଗ ଦୀର୍ଘ ସମୟ ଯାଏ ବ୍ୟକ୍ତିକୁ ପ୍ରଭାବିତ କରିପାରେ।


**ଲକ୍ଷଣ:** ନେଫ୍ରୋଟିକ ସିଣ୍ଡ୍ରୋମ୍‌ରେ ପୀଡ଼ିତ ବ୍ୟକ୍ତିର ପେଟ, ଚେହେରା ଓ ଆଖିର ଚତୁଃପାର୍ଶ୍ୱ ଫୁଲିଯାଏ। ଏଥିରେ ଉଚ୍ଚ ରକ୍ତଚାପ ସମସ୍ୟା ମଧ୍ୟ ଦେଖାଯାଇଥାଏ। ଏହାବ୍ୟତୀତ ରୋଗୀଙ୍କୁ ଭୋକ କମ୍ ଲାଗିଥାଏ। ଯଦି ଏଭଳି କୌଣସି ଲକ୍ଷଣ ଦେଖାଯାଇଥାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍।


**ପରିସ୍ରା ଟେଷ୍ଟ:** ଯଦି ନେଫ୍ରୋଟିକ ସିଣ୍ଡ୍ରୋମର କୌଣସି ଲକ୍ଷଣ ଦେଖାଯାଏ, ତେବେ ପରିସ୍ରାରେ ପ୍ରୋଟିନର ଯାଞ୍ଚ କରାଯାଇଥାଏ। ଏଥିପାଇଁ ପରିସ୍ରା ପରୀକ୍ଷା କରାଯାଇ ପ୍ରୋଟିନର ସ୍ତର ଯାଞ୍ଚ କରାଯାଇଥାଏ। ଏହାଦ୍ୱାରା ଟ୍ରାଇଗ୍ଲିସେରାଇଡ ମଧ୍ୟ ଜଣାପଡ଼ିଥାଏ।

**ରକ୍ତ ପରୀକ୍ଷା:** ନେଫ୍ରୋଟିକ ସିଣ୍ଡ୍ରୋମ ରୋଗ ଜାଣିବା ଲାଗି ରକ୍ତ ପରୀକ୍ଷା ମଧ୍ୟ ସାହାଯ୍ୟ କରିପାରେ। ଏଥିରେ ରକ୍ତ ନମୁନା ନିଆଯାଇ ପ୍ରୋଟିନ ସ୍ତର ଯାଞ୍ଚ କରାଯାଇଥାଏ। ଏଥିସହିତ ଟ୍ରାଇଗ୍ଲିସେରାଇଡ ମଧ୍ୟ ଜଣାପଡ଼ିଥାଏ।

**କିଡ୍‌ନୀ ବାୟୋପ୍ସି:** ମାଇକ୍ରୋସ୍କୋପ୍‌ରେ କିଡନୀ ବାୟୋପ୍ସି କରି ପରୀକ୍ଷା କରାଯାଇଥାଏ। ବାୟୋପ୍ସି କରିବା ସମୟରେ ତ୍ୱଚା ଓ କିଡ୍‌ନୀର ପରୀକ୍ଷା ବିଶେଷ ଛୁଞ୍ଚି ମାଧ୍ୟମରେ କରାଯାଇଥାଏ।

**ଚିକିତ୍ସା:** ଏହି ରୋଗର ଲକ୍ଷଣ ଦେଖାଯିବା ପରେ ଏହାର ଚିକିତ୍ସା ଆରମ୍ଭ କରିବା ଉଚିତ୍। କାରଣ ଆଗକୁ ଯାଇ ଏହା ଅନ୍ୟ ରୋଗର କାରଣ ହୋଇପାରେ। ଏହି ରୋଗ ପିଲାଙ୍କଠାରେ ଅଧିକ କାହିଁକି ଦେଖାଯାଇଥାଏ, ତାହାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏପରିସ୍ଥଳେ ପିଲାଙ୍କୁ ଚର୍ବିଯୁକ୍ତ ଖାଦ୍ୟଠାରୁ ଦୂରେଇ ରଖିବା ଉଚିତ୍। ସେମାନଙ୍କୁ ସାଧାରଣ ମାତ୍ରାରେ ପ୍ରୋଟିନଯୁକ୍ତ ଆହାର ମଧ୍ୟ ଦେବା ଉଚିତ୍।










# ମୁକ୍ତେଶ୍ୱର ଧାମ

**ଦେବ ଦେବ ମହାଦେବଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିର ହେଉଛି ମୁକ୍ତେଶ୍ୱର ଧାମ; ଯାହା ଉତ୍ତରାଖଣ୍ଡର ନୈନିତାଲ ଜିଲ୍ଲାରେ ଅବସ୍ଥିତ। ଭଗବାନଙ୍କ ଆଶୀର୍ବାଦ ସାଙ୍ଗକୁ ଅନେକ ଦୁଃସାହସିକ କ୍ରୀଡ଼ାର ମଜା ନେବାକୁ ଏଠାରେ ଆଗନ୍ତୁକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳେ...**

ଉତ୍ତରାଖଣ୍ଡର ନୈନିତାଲ ଜିଲ୍ଲା ଅନ୍ତର୍ଗତ ଏକ ଗାଁ ହେଉଛି ମୁକ୍ତେଶ୍ୱର। ଏଠାରେ ଦେବ ଦେବ ମହାଦେବଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିର ରହିଛି; ଯାହା ମୁକ୍ତେଶ୍ୱର ଧାମ ଭାବେ ବେଶ୍ ପରିଚିତ। ଏହି ମନ୍ଦିରଟି ସ୍ଥାନୀୟ ଏକ ପାହାଡ଼ ଉପରେ ନିର୍ମିତ; ସମୁଦ୍ରପତ୍ତନରୁ ଯାହାର ଉଚ୍ଚତା ପ୍ରାୟ ୨୩୧୨ ମିଟର ପାଖାପାଖି ହେବ। ଏତେ ଉଚ୍ଚତାରେ ମନ୍ଦିରଟି ଥିବାରୁ ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକମାନେ ପାହାଡ଼ର ଚତୁଃପାର୍ଶ୍ୱର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବେଶ୍ ଭଲ ଭାବେ ଉପଭୋଗ କରିଥାନ୍ତି।

### ମନ୍ଦିରର ଇତିହାସ

ପୌରାଣିକ କଥା ଅନୁଯାୟୀ, ଏକଦା ଦେବ ଦେବ ମହାଦେବ ଏବଂ ଏକ ରାକ୍ଷସ ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା। ଯୁଦ୍ଧରେ ରାକ୍ଷସ ପରାସ୍ତ ହୋଇ ମୁକ୍ତି ପାଇବା ପାଇଁ ଭଗବାନଙ୍କର ଶରଣ ପଶିବାରୁ, ଭଗବାନ ତାକୁ ଏହି ସ୍ଥାନରେ ମୁକ୍ତି ପ୍ରଦାନ କରିଥିଲେ। ସେଥିପାଇଁ ଏହି ସ୍ଥାନର ମହତ୍ତ୍ୱକୁ ବୁଝି ପରବର୍ତ୍ତୀ ସମୟରେ ଏଠାରେ ଭଗବାନ ଶିବଙ୍କୁ ସମର୍ପିତ ଏକ ମନ୍ଦିର ନିର୍ମାଣ କରାଯାଇ ତାହାର ନାମ ମୁକ୍ତେଶ୍ୱର ଧାମ ରଖାଗଲା। ତେବେ ଇତିହାସ ପୃଷ୍ଠାରୁ ଯାହା ଜଣାଯାଏ, ଏହି ମନ୍ଦିରଟି ପାଖାପାଖି ୩୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ହେବ। ସେବେଠାରୁ ଆଜିଯାଏଁ, ଭକ୍ତଗଣ ପ୍ରଭୁକୃପା ସହ ମୋକ୍ଷ ପାଇବା ପାଇଁ ଏଠାକୁ ଆସି ମୁକ୍ତେଶ୍ୱର ମହାଦେବଙ୍କର ଦର୍ଶନ କରିଥାନ୍ତି।

### ମନ୍ଦିରର ମହତ୍ତ୍ୱ

ଏହି ମନ୍ଦିରରେ ଧଳା ମାର୍ବଲର ଏକ ଶିବଲିଙ୍ଗଙ୍କୁ ମୁକ୍ତେଶ୍ୱର ମହାଦେବ ଭାବେ ପୂଜା କରାଯାଇଥାଏ। ତା'ସହିତ ପାର୍ଶ୍ୱ ଦେବଦେବୀ ଭାବେ ଏଠାରେ ଭଗବାନ ଗଣେଶ, ବ୍ରହ୍ମା, ବିଷ୍ଣୁ, ମାତା ପାର୍ବତୀ, ହନୁମାନ ତଥା ନନ୍ଦୀ ସମେତ ଆହୁରି ଅନେକ ଦେବଦେବୀଙ୍କର ପ୍ରତିମାଙ୍କୁ ମଧ୍ୟ ଉପାସନା କରାଯାଇଥାଏ। କୁହାଯାଏ, ଏଠାରେ ଯେଉଁ ଭକ୍ତ ନିଷ୍ଠାର ସହ ଆସି ଭଗବାନଙ୍କୁ ଉପାସନା କରିଥାନ୍ତି, ତାଙ୍କର ସବୁ ମନସ୍କାମନା ପୂରଣ ହୋଇଯାଏ। ଏପରି କି ନିଃସନ୍ତାନ ଦମ୍ପତି ବି ଯଦି ଏଠାକୁ ଆସି ପ୍ରଭୁଙ୍କ ପାଖେ ମାଟି ଦୀପଟିଏ ଜଳାଇ ନିଷ୍ଠାର ସହିତ ମାନସିକ ରଖିଥାନ୍ତି, ତା'ହେଲେ ତାଙ୍କୁ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। ତେବେ ଏହି ମନ୍ଦିର ନିକଟକୁ ଯିବା ପାଇଁ ଭକ୍ତଗଣଙ୍କୁ ପାହାଡ଼କୁ କାଟି ତିଆରି ହୋଇଥିବା ସ୍ୱତନ୍ତ୍ର ଶିଡ଼ି ମାର୍ଗ ଦେଇ ଯିବାକୁ ହୋଇଥାଏ। କେହି କେହି ତ ଟ୍ରେକିଂ ପାଇଁ ଏଠାକୁ ଯାଇଥାନ୍ତି। ସେଥିପାଇଁ ପ୍ରକୃତିପ୍ରେମୀ ହୁଅନ୍ତୁ ଅବା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ସକାଶେ ଏହା ଏକ ଉପଯୁକ୍ତ ସ୍ଥାନ କହିଲେ ଭୁଲ୍ ହେବ ନାହିଁ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ଏପ୍ରିଲ୍ ହେଉଛି ମୁକ୍ତେଶ୍ୱର ଧାମକୁ ବୁଲିଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିବା ସହ ଅନେକ ଉତ୍ସବ ଆଦିର ଆୟୋଜନ କରାଯାଇଥାଏ; ଯାହାର ଭରପୂର ମଜା ପର୍ଯ୍ୟଟକ ଉଠାଇପାରିବେ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ସୁବିଧା ରହିଛି। ପନ୍ତନଗର ବିମାନବନ୍ଦର ହେଉଛି ମୁକ୍ତେଶ୍ୱର ଧାମର ନିକଟବର୍ତ୍ତୀ ବିମାନବନ୍ଦର, ଯେଉଁଠାରୁ ଟ୍ୟାକ୍ସି ସାହାଯ୍ୟରେ ପ୍ରଥମେ ନୈନିତାଲ୍ ଯାଇ ସେଠାରୁ ଆଉ ଏକ ଟ୍ୟାକ୍ସି କରି ମୁକ୍ତେଶ୍ୱର ଧାମକୁ ଯିବାକୁ ହୋଇଥାଏ। ଅନ୍ୟପକ୍ଷେ କାଠଗୋଦାମ ରେଲୱେ ଷ୍ଟେଶନ ହେଉଛି ଏହି ଧାମର ନିକଟବର୍ତ୍ତୀ ରେଳଷ୍ଟେଶନ; ଯେଉଁଠାରୁ ସିଧାସଳଖ ମୁକ୍ତେଶ୍ୱର ଧାମ ନିକଟକୁ ଯିବା ପାଇଁ ଭଡ଼ାରେ ଟ୍ୟାକ୍ସି ଓ ବସ୍‌ର ସୁବିଧା ରହିଛି। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ନିଜସ୍ୱ ଗାଡ଼ିରେ ମଧ୍ୟ ଏଠାକୁ ବୁଲିଯାଇପାରିବେ।


### ଜାଣିବା କଥା

* ମନ୍ଦିର ମଧ୍ୟକୁ ପ୍ରବେଶ କରିବା ପାଇଁ ଏଠାରେ କୌଣସି ଶୁଳ୍କ ପଡ଼େନାହିଁ।

* ଭକ୍ତଙ୍କ ଦର୍ଶନ ନିମନ୍ତେ ପ୍ରତିଦିନ ଭୋର୍ ୫ଟାରୁ ସନ୍ଧ୍ୟା ୭ଟା ୩୦ ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିଥାଏ।

* ପ୍ରଭୁଙ୍କ ଦର୍ଶନ ସହିତ ଆଗନ୍ତୁକ ଏଠାରେ ଫଟୋଗ୍ରାଫି, ଟ୍ରେକିଂ, ରକ୍ କ୍ଲାଇମ୍ବିଂ, ରାପେଲିଂ, ହାଇକିଂ ଆଦିର ସୁବିଧା ମଧ୍ୟ ନେଇପାରିବେ।







## ବୈଷ୍ଣୋଦେବୀ ମନ୍ଦିର

ଓଡ଼ିଶାର ଏକ ମାତ୍ର ବୈଷ୍ଣୋଦେବୀ ମନ୍ଦିର ରହିଛି ରାଉରକେଲାଠାରେ। ମାତା ଏଠାରେ ଭକ୍ତମାନଙ୍କୁ ବର୍ଷ ତମାମ ଦର୍ଶନ ଦେଇଥାନ୍ତି। ଏଠାକୁ ଯିବାକୁ ହେଲେ ଆପଣଙ୍କୁ ପ୍ରାୟ ହଜାରେରୁ ଅଧିକ ଶିଡ଼ି ଚଢ଼ିବାକୁ ପଡିବ। କଥାରେ ଅଛି ମନରେ ଯଦି ଭକ୍ତି ଥିବ ଶିଡ଼ି କ'ଣ ପାହାଡ ବି ଚଢ଼ିଯିବ ମଣିଷ। ସମଗ୍ର ସୁନ୍ଦରଗଡ ଜିଲ୍ଲା କାହିଁକି ପଡ଼ୋଶୀ ଛତିଶଗଡ, ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟରୁ ମଧ୍ୟ ମା'ଙ୍କ ଦର୍ଶନ ଲାଗି ଏଠାକୁ ଛୁଟି ଆସନ୍ତି ଭକ୍ତ।

ରାଉରକେଲା ରେଳଷ୍ଟେସନଠାରୁ ଅଳ୍ପ ଦୂରରେ ରହିଛି ମାତାଙ୍କ ମନ୍ଦିର। ଆପଣ ଯଦି କେବେ ଟ୍ରେନ ଯୋଗେ ରାଉରକେଲା ଦେଇ ଯାଉଥିବେ ତେବେ ଟ୍ରେନରୁ ମାତାଙ୍କ ମନ୍ଦିର ଦୃଶ୍ୟମାନ ହୁଏ। ପ୍ରାୟ ହଜାରେ ଶିଡ଼ି ଚଢ଼ିବା ପରେ ଆପଣ ମାତାଙ୍କ ଗୁମ୍ଫାରେ ପହଞ୍ଚିପାରିବେ। ମାତାଙ୍କୁ ଦର୍ଶନ କରିବା ପାଇଁ ଆପଣଙ୍କୁ ଗୁମ୍ଫା ଭିତରେ ନଇଁ ନଇଁ ଯିବାକୁ ପଡ଼ିବ। ବିଶ୍ୱାସ ରହିଛି ଏଠାରେ ମାତାଙ୍କୁ ପୂଜାର୍ଚ୍ଚନା କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ। ଗୁମ୍ଫା ବାହାରେ ମାତା ଦୁର୍ଗାଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ଚୈତ୍ର ମାସ ନବରାତ୍ରିରୁ ଏଠାରେ ଆଠ ଦିନ ବ୍ୟାପି ନବରାତ୍ରୀ ପାଳନ ହୋଇଥାଏ। ଏହି ଅବସରରେ ପ୍ରତ୍ୟେହ ହାଲୁଆ ଓ ଚଣା ଭୋଗ ଲାଗି ହୋଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବଣ୍ଟାଯାଏ।

ଏ ମନ୍ଦିର ଗୁମ୍ଫାର ସନ୍ଧାନ ରାଜୁ ଚାଣ୍ଡକ ନାମକ ଜଣେ ବ୍ୟକ୍ତିଙ୍କୁ ୧୯୯୬ ମସିହାରେ ମିଳିଥିଲା। ସେ ଦିନ ଥିଲା ଫେବୃୟାରୀ ମାସ ୨୫ ତାରିଖ। ଆଉ ମାତାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା ୨୦୦୩ ମସିହାରେ। ସେଦିନଠାରୁ ଆଜି ପର୍ଯ୍ୟନ୍ତ ମାତା ଏଠାରେ ଦର୍ଶନ ଦେଇ ଆସୁଛନ୍ତି। ନବରାତ୍ରୀ ସମୟରେ ଏଠାରେ ଭକ୍ତଙ୍କ ଅଧିକ ଭିଡ଼ ଲାଗିଥାଏ। ଗୋଟିଏ ନବରାତ୍ରୀ ଚୈତ୍ର ମାସରେ ପଡୁଥିବା ବେଳେ ଆଉ ଗୋଟିଏ ଆଶ୍ୱିନ ମାସରେ ପଡ଼ିଥାଏ। ଏ ନବରାତ୍ରୀ ବ୍ୟତୀତ ଅନ୍ୟ ଦିନମାନଙ୍କରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ଏମିତିରେ ତ ବର୍ଷ ତମାମ ଏଠାରେ ଭିଡ଼ ଲାଗେ।

# ମେଲ୍‌ବର୍ଣ୍ଣ ଟି-୨୦ରେ ହାରିଲା ଭାରତ

ମେଲ୍‌ବର୍ଣ୍ଣ: ମେଲ୍‌ବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ (ଏମ୍‌ସିଜି)ରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୪ ୱିକେଟ୍‌ରେ ଭାରତକୁ ହରାଇ ଦେଇଛି। ଭାରତ ପ୍ରଥମେ ୧୮.୪ ଓଭରରେ ୧୨୫ ରନ୍ କରି ଅଲଆଉଟ୍ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୧୩.୨ ଓଭର୍‌ରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଏହି ବିଜୟ ସହିତ କଙ୍ଗାରୁ ଟିମ୍ ୫ ମ୍ୟାଚ୍‌ର ସିରିଜ୍‌ରେ ୧-୦ରେ ଅଗ୍ରଣୀ ହୋଇଛି। ସିରିଜ୍‌ର ତୃତୀୟ ମ୍ୟାଚ୍ ନଭେମ୍ବର ୨ ତାରିଖରେ ହୋବାର୍ଟରେ ଖେଳାଯିବ।



ମେଲ୍‌ବର୍ଣ୍ଣରେ ପରାଜୟ ପରେ ଟିମ୍ ଇଣ୍ଡିଆର ଟି-୨୦ କ୍ରିକେଟ୍‌ରେ ବିଜୟଧାରା ମଧ୍ୟ ଭାଙ୍ଗିଯାଇଛି। ଭାରତ ଗତ ୧୦ଟି ମ୍ୟାଚ୍ ମଧ୍ୟରୁ ୯ଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏ ମ୍ୟାଚ୍ ଫଳଶୂନ୍ୟ ହୋଇଥିଲା। କେବଳ ଏତିକି ନୁହେଁ ୨୦୦୮ ପରେ ଭାରତର ଏହି ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହା ପ୍ରଥମ ଟି-୨୦ ପରାଜୟ। ସୂଚନାଯୋଗ୍ୟ, ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ସିରିଜ୍‌ର ପ୍ରଥମ ମ୍ୟାଚ୍ କାନବେରାରେ ବର୍ଷା କାରଣରୁ ଧୋଇ ଯାଇଥିଲା। ଲକ୍ଷ୍ୟର ପିଛା କରୁଥିବା ଅଷ୍ଟ୍ରେଲିଆ ଟିମ୍‌କୁ କ୍ୟାପଟେନ୍ ମିଚେଲ୍ ମାର୍ଶ ଓ ଟ୍ରାଭିସ୍ ହେଡ୍ ଧୂଆଁଧାର ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ୱିକେଟ୍ ପାଇଁ ୫୧ ରନ୍ ଯୋଡ଼ିଥିଲେ। ତେବେ ୫ମ ଓଭର୍‌ରେ ହେଡ୍‌ଙ୍କୁ ତିଳକ ବର୍ମାଙ୍କ ହାତରେ କ୍ୟାଚ୍ କରାଇ ବରୁଣ ଚକ୍ରବର୍ତ୍ତୀ ଏହି ଯୋଡ଼ି ଭାଙ୍ଗିଥିଲେ। ହେଡ୍ ୧୫ ବଲ୍‌ରେ ୩ ଚୌକା ଓ ଗୋଟିଏ ଛକା ବଳରେ ୨୮ ରନ୍ କରିଥିଲେ। ମିଚେଲ୍ ମାର୍ଶ ୨୬ ବଲ୍‌ରେ ଦୁଇ ଚୌକା ଓ ଚାରି ଛକା ସହାୟତାରେ ୪୬ ରନ୍ କରିଥିବା ବେଳେ କୁଲଦୀପ୍ ଯାଦବଙ୍କ ଶିକାର ହୋଇଥିଲେ। ମାର୍ଶ-ହେଡ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ଅଷ୍ଟ୍ରେଲିଆର ରନ୍ ଚେଜ୍ ସହଜ କରିଦେଇଥିଲା। ଜୋଶ୍ ଇଙ୍ଗ୍‌ଲିଶ୍ ୨୪ ଏବଂ ମିଚେଲ୍ ଓ୍ୱେନ୍ ୧୪ ରନ୍ କରି ଯୋଗଦାନ ଦେଇଥିବା ବେଳେ ମାର୍କସ୍ ଷ୍ଟୋଇନିସ୍ ୬ ରନ୍‌ରେ ଅପରାଜିତ ଫେରିଥିଲେ। ଭାରତ ପକ୍ଷରୁ ଜସ୍‌ପ୍ରୀତ୍ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ ଏବଂ କୁଳଦୀପ୍ ଯାଦବ ୨-୨ ୱିକେଟ୍ ଅକ୍ତିଆର କରିଥିଲେ। ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତର ଆରମ୍ଭ ଭଲ ନଥିଲା। ଶୁଭମନ ଗିଲ୍ ୫ ରନ୍ କରି ଜୋଶ୍ ହେଜଲ୍‌ଉଡ୍‌ଙ୍କ ଶିକାର ହୋଇଥିଲେ। ସେହିପରି ନଂ.୩ରେ ବ୍ୟାଟିଂ ପାଇଁ ଆସିଥିବା ସଞ୍ଜୁ ସାମ୍‌ସନ୍ (୨) ମଧ୍ୟ ଖାସ୍ କିଛି କରିପାରି ନଥିଲେ। ଏହାପରେ ହେଜଲ୍‌ଉଡ୍ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ (୧ ରନ୍) ଓ ତିଳକ ବର୍ମା (ଶୂନ୍ୟ)ଙ୍କୁ ଶସ୍ତାରେ ପ୍ୟାଭିଲିୟନ୍ ଫେରାଇଥିଲେ। ଅକ୍ଷର ପଟେଲ୍ ମଧ୍ୟ ୭ ରନ୍‌ର ବ୍ୟକ୍ତିଗତ ସ୍କୋର୍‌ରେ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ୪୯ ରନ୍‌ରେ ୫ ୱିକେଟ୍‌ର ପତନ ପରେ ଅଭିଷେକ ଶର୍ମା ଓ ହର୍ଷିତ ରାଣା ଟିମ୍‌କୁ ସମ୍ଭାଳିବା ସହିତ ୬ଷ୍ଠ ୱିକେଟ୍ ପାଇଁ ୫୬ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହି ପାର୍ଟନର୍‌ଶିପ୍ ମଧ୍ୟରେ ଅଭିଷେକ ୭ ଚୌକା ଓ ଗୋଟିଏ ଛକା ବଳରେ ୨୩ ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ହର୍ଷିତ ରାଣାଙ୍କୁ ଆଉଟ୍ କରି ଜାଭିୟର୍ ବାର୍ଟଲେଟ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ହର୍ଷିତ ୩ ଚୌକା ଓ ଗୋଟିଏ ଛକା ସହାୟତାରେ ୩୩ ବଲ୍‌ରୁ ୩୫ ରନ୍ କରିଥିଲେ। ହର୍ଷିତଙ୍କ ପରେ ଶିଭମ୍ ଦୁବେ (୪ ରନ୍) ଏବଂ କୁଲଦୀପ୍ ଯାଦବ (୦) ଆଉଟ୍ ହୋଇଥିଲେ। ୱିକେଟ୍‌ର ପତ୍ରଛଡ଼ା ମଧ୍ୟରେ ଅଭିଷେକ ଚମତ୍କାର ବ୍ୟାଟିଂ କରି ୮ ଚୌକା ଓ ଦୁଇ ଛକା ସହାୟତାରେ ୩୭ ବଲ୍‌ରୁ ୬୮ ରନ୍ କରି ନବମ ୱିକେଟ୍ ରୂପେ ଆଉଟ୍ ହୋଇଥିଲେ। ବୁମ୍‌ରା ଖାତା ଖୋଲିବା ପୂର୍ବରୁ ରନ୍‌ଆଉଟ୍ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ହେଜଲ୍‌ଉଡ୍ ୩ଟି ୱିକେଟ୍ ଅକ୍ତିଆର କରିଥବା ବେଳେ ଜାଭିୟର୍ ବାର୍ଟଲେଟ୍ ଓ ନାଥନ୍ ଏଲିସ୍ ୨-୨ ସଫଳତା ମିଳିଥିଲା। ଷ୍ଟୋଇନିସ୍‌ଙ୍କ ଖାତାରେ ଗୋଟିଏ ୱିକେଟ୍ ପଡ଼ିଥିଲା।

# ପୂର୍ବତନ ହକି ଖେଳାଳି ମାନୁଏଲ୍ ଫ୍ରେଡ୍‌ରିକ୍‌ଙ୍କ ପରଲୋକ

ନୂଆଦିଲ୍ଲୀ: ଭାରତକୁ ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ଜିତାଇଥିବା ମହାନ୍ ହକି ଖେଳାଳି ତଥା ଗୋଲ୍‌କିପର୍ ମାନୁଏଲ୍ ଫ୍ରେଡ୍‌ରିକ୍‌ଙ୍କର ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଗତ ୧୦ ମାସ ଧରି ପ୍ରୋଷ୍ଟେଟ୍ କ୍ୟାନ୍‌ସର୍‌ରେ ପୀଡ଼ିତ ଥିଲେ। ତାଙ୍କ ପରଲୋକରେ ପୂରା ଭାରତୀୟ ହକି ଜଗତରେ ଶୋକର ଲହରି ଖେଳିଯାଇଛି। କେରଳର କନ୍ନୁର ଜିଲ୍ଲାସ୍ଥ ବାରନାସୀରୀ ଗ୍ରାମରେ ୧୯୪୭ ଅକ୍ଟୋବର ୨୦ ତାରିଖରେ ଜନ୍ମିତ ମାନୁଏଲ୍ ଭାରତ ପାଇଁ



ଅଲିମ୍ପିକ୍ ପଦକ ଜିତିବାରେ ରାଜ୍ୟର ପ୍ରଥମ ଖେଳାଳି ହୋଇଥିଲେ। ତାଙ୍କ ପରେ ଗୋଲ୍‌କିପର୍ ପିଆର୍ ଶ୍ରୀଜେଶ ଟୋକିଓ (୨୦୨୦) ଅଲିମ୍ପିକ୍‌ରେ ବ୍ରୋଞ୍ଜ୍ ପଦକ ଜିତି ଏହି ପରମ୍ପରା ଆଗକୁ ବଢ଼ାଇଥିଲେ। ଭାରତୀୟ ଖେଳରେ ଅନେକ ଯୋଗଦାନ ପାଇଁ ସ୍ମରଣୀୟ ମାନୁଏଲ୍ ଫ୍ରେଡ୍‌ରିକ୍‌ଙ୍କୁ ୨୦୧୯ରେ ପ୍ରତିଷ୍ଠିତ ଧ୍ୟାନଚାନ୍ଦ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ୍ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

ଫ୍ରେଡ୍‌ରିକ୍‌ଙ୍କ ପରଲୋକରେ ହକି ଇଣ୍ଡିଆ ସଭାପତି ଦିଲୀପ୍ ତିର୍କୀ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, ମାନୁଏଲ୍ ଫ୍ରେଡ୍‌ରିକ୍ ଭାରତର ସର୍ବଶ୍ରେଷ୍ଠ ଗୋଲ୍‌କିପର୍‌ଙ୍କ ମଧ୍ୟରେ ଅନ୍ୟତମ ଥିଲେ। ଭାରତୀୟ ହକି ସ୍ୱର୍ଣ୍ଣିମ ଯୁଗରେ ତାଙ୍କ ଯୋଗଦାନ ଅବିସ୍ମରଣୀୟ। ହକି ଇଣ୍ଡିଆ ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ବ୍ୟକ୍ତ କରୁଛି। ଆମେ ଜଣେ ମହାନ୍ ଖେଳାଳିଙ୍କୁ ହରାଇଲୁ, କିନ୍ତୁ ତାଙ୍କ ପରମ୍ପରା ସର୍ବଦା ଜୀବିତ ରହିବ। ସେହିପରି ହକି ଇଣ୍ଡିଆ ସମ୍ପାଦକ ଭୋଳା ସିଂହ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, କେରଳ ପରି ଅଣ-ପାରମ୍ପରିକ ହକି ରାଜ୍ୟରୁ ହୋଇଥିଲେ ମଧ୍ୟ ଫ୍ରେଡ୍‌ରିକ୍‌ଙ୍କ ସମର୍ପଣ ଯୁବସମାଜ ପ୍ରତି ପ୍ରେରଣା ଥିଲା।

## ୧୪ରୁ ଏସିସି ରାଇଜିଂ ଷ୍ଟାର୍ସ ଟୁର୍ଣ୍ଣାମେଣ୍ଟ୍

# ନଭେମ୍ବର ୧୬ରେ ଭାରତ-ପାକିସ୍ତାନ ମ୍ୟାଚ୍

ନୂଆଦିଲ୍ଲୀ: ଏସିଆନ୍ କ୍ରିକେଟ୍ କାଉନ୍‌ସିଲ୍ (ଏସିସି) ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟୁର୍ଣ୍ଣାମେଣ୍ଟ୍‌ର ଆରମ୍ଭ ନଭେମ୍ବର ୧୪ରୁ ହେବ। ଟୁର୍ଣ୍ଣାମେଣ୍ଟ୍‌ର ମହାମୁକାବିଲା ଅର୍ଥାତ୍ ଭାରତ-ପାକିସ୍ତାନ ମ୍ୟାଚ୍ ନଭେମ୍ବର ୧୬ ତାରିଖରେ ଖେଳାଯିବ। ସମସ୍ତ ମ୍ୟାଚ୍ କତାର ରାଜଧାନୀ ଦୋହାରେ ଆୟୋଜିତ ହେବ। ଏସିସି ପକ୍ଷରୁ ଶୁକ୍ରବାର ଟୁର୍ଣ୍ଣାମେଣ୍ଟ୍‌ର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏଥିରେ ଆଠ ଟିମ୍‌ଙ୍କୁ ଦୁଇଟି ଗ୍ରୁପ୍‌ରେ ବଣ୍ଟାଯାଇଛି। ଗ୍ରୁପ୍-ଏ'ରେ ଡିଫେଣ୍ଡିଂ ଚାମ୍ପିଅନ୍ ଆଫଗାନିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା ଓ ହଂକଂ ରହିଥିବା ବେଳେ ଗ୍ରୁପ୍-ବି'ରେ ଭାରତ, ପାକିସ୍ତାନ, ଓମାନ୍ ଓ ୟୁଏଇ ସ୍ଥାନ ପାଇଛନ୍ତି। ପୂର୍ବରୁ ଏସିସି ଇମର୍ଜିଂ ଟିମ୍ସ ଏସିଆ କପ୍ ଭାବେ ଜଣାଶୁଣା ଟୁର୍ଣ୍ଣାମେଣ୍ଟ୍ ଟି-୨୦ ଫର୍ମାଟ୍‌ରେ ଖେଳାଯିବ। ଏଥିରେ ଭାରତ, ଆଫଗାନିସ୍ତାନ, ବାଂଲାଦେଶ, ପାକିସ୍ତାନ ଏବଂ ଶ୍ରୀଲଙ୍କାର ଏ' ଟିମ୍ ଭାଗନେବ। ତିନିଟି ଆସୋସିଏଟ୍ ଦେଶ ହଂକଂ, ଓମାନ୍ ଓ ୟୁଏଇ ନିଜ ନିଜର ମୁଖ୍ୟ ଟିମ୍‌ଙ୍କୁ ଖେଳାଇବେ। ନଭେମ୍ବର ୧୪ରୁ ୧୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ଏହାପରେ ନଭେମ୍ବର ୨୧ରେ ସେମିଫାଇନାଲ୍ ଏବଂ ୨୩ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

ଏସିଆ କପ୍ ୨୦୨୫ ପରେ ଭାରତ ଓ ପାକିସ୍ତାନ ପ୍ରଥମ ଥର ମୁହାଁମୁହିଁ ହେବେ। ଏସିଆ କପ୍‌ରେ ଦୁଇ ଟିମ୍ ମଧ୍ୟରେ ବହୁ ବିବାଦ ଦେଖିବାକୁ ମିଳିଥିଲା। ଟିମ୍ ଇଣ୍ଡିଆ ଏସିସି ଅଧ୍ୟକ୍ଷ ମୋହସିନ୍ ନକ୍‌ଭୀଙ୍କ ଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲା। ନକ୍‌ଭୀ ପାକିସ୍ତାନର ଗୃହ ମନ୍ତ୍ରୀ ସହିତ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)ର ସଭାପତି ମଧ୍ୟ ଅଛନ୍ତି। ଏହା ପୂର୍ବରୁ ଭାରତୀୟ ଖେଳାଳି ଟୁର୍ଣ୍ଣାମେଣ୍ଟ୍‌ରେ ପାକିସ୍ତାନ ଖେଳାଳିଙ୍କ ସହିତ ହାତ ମଧ୍ୟ ମିଳାଇ ନଥିଲେ। ପହଲଗାମ ଆତଙ୍କୀ ଆକ୍ରମଣ ବିରୋଧରେ ଭାରତ ଏହି ଷ୍ଟାଣ୍ଡ୍ ନେଇଥିଲା।

ଇମର୍ଜିଂ ଟିମ୍ସ ଟୁର୍ଣ୍ଣାମେଣ୍ଟ୍ ୨୦୧୩ରୁ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ଏହାର ଛଅଟି ସଂସ୍କରଣ ହୋଇସାରିଛି। ଟୁର୍ଣ୍ଣାମେଣ୍ଟ୍‌ର ଏହା ସପ୍ତମ ସଂସ୍କରଣ। ଏହା ପ୍ରଥମେ ଅଣ୍ଡର-୨୩ ଟୁର୍ଣ୍ଣାମେଣ୍ଟ୍ ଭାବେ ଆରମ୍ଭ ହୋଇଥିଲା। ପରେ ଏହାକୁ ଏ' ଟିମ୍ ମଧ୍ୟରେ ଟୁର୍ଣ୍ଣାମେଣ୍ଟ୍ ଭାବେ ପରିବର୍ତ୍ତିତ କରାଯାଇଛି। ପାକିସ୍ତାନ ଓ ଶ୍ରୀଲଙ୍କା ଟୁର୍ଣ୍ଣାମେଣ୍ଟ୍‌ର ସବୁଠୁ ସଫଳ ଟିମ୍। ଦୁହେଁ ଦୁଇଥର ଲେଖାଏଁ ଟ୍ରଫି ଜିତିଛନ୍ତି। ଭାରତ ଓ ଆଫଗାନିସ୍ତାନ ଥରେ ଲେଖାଏଁ ବିଜୟୀ ହୋଇଛନ୍ତି। ୨୦୨୪ରେ ଓମାନ୍‌ରେ ଖେଳାଯାଇଥିବା ଗତ ସଂସ୍କରଣର ଫାଇନାଲ୍‌ରେ ଶ୍ରୀଲଙ୍କାକୁ ସାତ ୱିକେଟ୍‌ରେ ହରାଇ ଆଫଗାନିସ୍ତାନ ଚାମ୍ପିଅନ୍ ହୋଇଥିଲା।

# ଇଲମପାର୍ଥୀ ଭାରତର ୯୦ତମ ଗ୍ରାଣ୍ଡମାଷ୍ଟର୍



ନୂଆଦିଲ୍ଲୀ: ଯୁବ ଚେସ୍ ଖେଳାଳି ଇଲମପାର୍ଥୀ ଏଆର୍ ବୋସ୍‌ନିୟା ଓ ହର୍ଜେଗୋଭିନାରେ ଜିଏମ୍୪ ବିଜେଲଜିତା ୨୦୨୫ ଚେସ୍ ମହୋତ୍ସବରେ ନିଜର ଅନ୍ତିମ ନର୍ମ ହାସଲ କରିବା ପରେ ଭାରତ ୯୦ତମ ଗ୍ରାଣ୍ଡ୍‌ମାଷ୍ଟର୍ ହୋଇଛନ୍ତି। ଚେନ୍ନାଇର ୧୬ ବର୍ଷୀୟ ଖେଳାଳି ଇଲମପାର୍ଥୀ ୨୦୨୩ ଡିସେମ୍ବରରେ ଭିଏତ୍‌ନାମର ହାନୋଇ ଟୁର୍ଣ୍ଣାମେଣ୍ଟ୍‌ରେ ନିଜର ପ୍ରଥମ ଗ୍ରାଣ୍ଡ୍‌ମାଷ୍ଟର୍ ନର୍ମ ଏବଂ ଏହାପରେ ୨୦୨୪ରେ ସିଙ୍ଗାପୁର ଇଣ୍ଟରନାସ୍‌ନାଲ୍ ଓପନ୍‌ରେ ଦ୍ୱିତୀୟ ନର୍ମ ହାସଲ କରିଥିଲେ। ଇଲମପାର୍ଥୀ ରିଲ୍‌ଟନ୍ କପ୍ (୨୦୨୪-୨୫) ଅବସରରେ ୨୫୦୦ ଇଏଲ୍‌ଲୋ ରେଟିଂ ପାର୍ କରିବା ପରେ ବୋସ୍‌ନିୟାରେ ଅନ୍ତିମ ନର୍ମ ତାଙ୍କ ଗ୍ରାଣ୍ଡ୍‌ମାଷ୍ଟର୍ ଟାଇଟଲ୍ ପକ୍କା କରିଥିଲା। ଅଖିଳ ଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) ଅଧ୍ୟକ୍ଷ ନିତିନ୍ ନାରଙ୍ଗ ଦେଶର ୯୦ତମ ଗ୍ରାଣ୍ଡମାଷ୍ଟର ପାଇଁ ସମସ୍ତ ଜରୁରୀ ଯୋଗ୍ୟତା ପୂରା କରିଥିବା ଇଲମପାର୍ଥୀ ଏଆର୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପାଞ୍ଚ ଥରର ବିଶ୍ୱ ଚାମ୍ପିଅନ୍ ବିଶ୍ୱନାଥନ୍ ଆନନ୍ଦ ମଧ୍ୟ ଏକ୍ସ ପୋଷ୍ଟ୍ ଜରିଆରେ ଇଲମପାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।

**ଯୋଗାଯୋଗ - ରଣଜିତ୍ ପଟ୍ଟନାୟକ**
**ମୁଖ୍ୟ ପ୍ରତିନିଧି**

Email: mediatejaswini@gmail.com

**TARIFF**

Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra**, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର